

ସମଲେଶ୍ୱରୀଙ୍କ ମନ୍ଦିରରୁ ମହାନଦୀ ଘାଟ ଯାଏ ଦିବ୍ୟତା ଓ ଭବ୍ୟତାର ଅନୁଭବ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୩ ● ୨୯ ଜାନୁଆରୀ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-3 ● 29th January 2024, Monday ● Bhubaneswar

Licensed to post without pre-payment of postage No- BN-60/22-24







# ପ୍ରଭୁ ରାମଙ୍କ ଶାସନ ଥିଲା ଆମ ସମ୍ବିଧାନ ନିର୍ମାତାଙ୍କ ପ୍ରେରଣାର ଉତ୍ସ

**ନୂଆଦିଲ୍ଲୀ, ୨୮।୧**

ପ୍ରଭୁ ରାମଙ୍କ ଶାସନ ଆମ ସମ୍ବିଧାନ ନିର୍ମାତାମାନଙ୍କ ପ୍ରେରଣାର ଉତ୍ସ ଥିଲା ବୋଲି ରବିବାର ମାସିକ ବେତାର କାର୍ଯ୍ୟକ୍ରମ 'ମନ କୀ ବାତ୍'ର ୧୦୯ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଲେ, ଏଭଳି ତୀବ୍ର ମାନସମନ୍ଥନ ପରେ ଭାରତର ସମ୍ବିଧାନ ତାର ରୂପରେଖ ପାଇଲା, ଯାହାକୁ ଗୋଟାଏ ଜୀବନ୍ତ ଦଲିଲ କୁହାଯାଇ ପାରିବ। ସମ୍ବିଧାନର ତୃତୀୟ ଭାଗର ମୂଳ କପିରେ ଭାରତର ନାଗରିକମାନଙ୍କ ମୌଳିକ ଅଧିକାର ବିଷୟ ବର୍ଣ୍ଣନା କରାଯାଇଛି। ଉଲ୍ଲେଖଯୋଗ୍ୟ, ତୃତୀୟ ଭାଗର ପ୍ରାରମ୍ଭରେ ଭଗବାନ ରାମ, ମାତା ସୀତା ଓ ଲକ୍ଷ୍ମଣଙ୍କ ଚିତ୍ର ଲାଗି ସ୍ଥାନ ଛଡାଯାଇଥିଲା। ପ୍ରଭୁ ରାମଙ୍କ ଶାସନ ଥିଲା ଆମ ସମ୍ବିଧାନ ନିର୍ମାତାମାନଙ୍କ ଲାଗି ପ୍ରେରଣାର ଉତ୍ସ। ସେହି କାରଣରୁ ଜାନୁଆରୀ ୨୨ ତାରିଖ ଦିନ ମୁଁ ଅଯୋଧ୍ୟାରେ ଦେବରୁ ଦେଶ ବୋଲି କହିବା ବେଳେ ରାମରୁ ରାଷ୍ଟ୍ର କହିଥିଲି।



ଅଯୋଧ୍ୟାରେ ପ୍ରାଣ ପ୍ରତିଷ୍ଠା ଅବସର ଦେଶର କୋଟି କୋଟି ଜନତାଙ୍କୁ ଗୋଟିଏ ସୂତ୍ରରେ ବାନ୍ଧିଥିବା ପରି ମନେହେଲା। ସମସ୍ତଙ୍କର ଅନୁଭବ ଥିଲା ଏକ, ସମସ୍ତର ଭକ୍ତି ଥିଲା ଏକ। ପ୍ରତ୍ୟେକଙ୍କ ତୁଣ୍ଡରେ ରାମ ନାମ, ପ୍ରତ୍ୟେକଙ୍କ ହୃଦୟରେ ବିରାଜମାନ କରିଥିଲେ ରାମ।

ମକର ସଂକ୍ରାନ୍ତିରୁ ଜାନୁଆରୀ ୨୨ ତାରିଖ ପର୍ଯ୍ୟନ୍ତ ପରିଚ୍ଛନ୍ନତା ଅଭିଯାନ ଚଳାଇବା ଲାଗି ମୁଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲି। ଲକ୍ଷ ଲକ୍ଷ ଜନତା ଭକ୍ତି ଭାବନା ନେଇ ସେମାନଙ୍କ ଅଞ୍ଚଳରେ ଥିବା ଧର୍ମସ୍ଥଳ ସବୁ ପରିଚ୍ଛନ୍ନ କରିଥିବା ଜାଣି ଆନନ୍ଦ ହେଲି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ପ୍ରଧାନମନ୍ତ୍ରୀ ପୁଣି କହିଲେ, ଚଳିତ ବର୍ଷ ଜାନୁଆରୀ ୨୬ କାର୍ଯ୍ୟକ୍ରମ ଥିଲା ଚମକପ୍ରଦ, କିନ୍ତୁ ଆଲୋଚନାର ବିଷୟବସ୍ତୁ ଥିଲା ପରେଡର ନାରୀଶକ୍ତି କର୍ତ୍ତବ୍ୟ ପଥରେ ସେଣ୍ଟ୍ରାଲ ସିକ୍ୟୁରିଟି ଫୋର୍ସ ଓ ଦିଲ୍ଲୀ ପୁଲିସର ମହିଳା କଣ୍ଟିଜେଣ୍ଟ ପରେଡ ଆରମ୍ଭ କରିବା ଦେଖି ସଭିଏଁ ଗୌରବାନ୍ୱିତ ମନେ କରିଥିଲେ। ପରିବର୍ତ୍ତିତ ଭାରତରେ ଆମ ଝିଅ ଓ ମହିଳାମାନେ ପ୍ରତ୍ୟେକ କ୍ଷେତ୍ରରେ ଚମତ୍କାରିତା ଦେଖାଉଛନ୍ତି।

ଛାତ୍ରଛାତ୍ରୀମାନଙ୍କ ସହିତ ଭାବ ବିନିମୟ କରିବା ଲାଗି 'ପରୀକ୍ଷା ପେ ଚର୍ଚ୍ଚା'ର ୭ମ ସଂସ୍କରଣକୁ ଗୋଟାଏ ସୁଯୋଗ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ସୋମବାର ପୂର୍ବାହ୍ନ ୧୧ଟା ବେଳେ ପରୀକ୍ଷା ପେ ଚର୍ଚ୍ଚା କରିବା। ଏହା ହେବ ପରୀକ୍ଷା ପେ ଚର୍ଚ୍ଚାର ୭ମ ସଂସ୍କରଣ। ଏହି ଗୋଟିଏ ମାତ୍ର କାର୍ଯ୍ୟକ୍ରମକୁ ମୁଁ ଅପେକ୍ଷା କରିଥାଏ। ଏହା ଛାତ୍ରଛାତ୍ରୀମାନଙ୍କ ସହିତ ଭାବବିନିମୟ କରିବାକୁ ସୁଯୋଗ ଦିଏ । ଏଥିରେ ମୁଁ ସେମାନଙ୍କର ପରୀକ୍ଷା *(ପୃଷ୍ଠା ୭ରେ)*

## କେନ୍ଦୁଝର ଗସ୍ତରେ ୫-ଟି ଅଧ୍ୟକ୍ଷ

# ନିଜ ପ୍ରତିଭା ପରିପ୍ରକାଶ କରିବାର ଏକ ଭଲ ପ୍ଲାଟଫର୍ମ ହେଉଛି ନୂଆ-ଓ କାର୍ଯ୍ୟକ୍ରମ

**କେନ୍ଦୁଝର, ୨୮।୧**

**ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ନୂଆ ଓ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଧରଣୀଧର ମେଡ଼ିକାଲ କଲେଜ ସମ୍ମୁଖ ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରି ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ ନୂଆ ଓ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିଲେ। ସେଠାରେ ଉପସ୍ଥିତ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ନୂଆ ଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଶ୍ରୀ ପାଣ୍ଡିଆନ୍ କହିଥିଲେ। ମୁଖ୍ୟମନ୍ତ୍ରୀ ପିଲାମାନଙ୍କର ପାଠ ପଢା ସହିତ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ଏଭଳି କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ ଆୟୋଜନ କରିବାକୁ ମନସ୍ଥ କରିଛନ୍ତି ବୋଲି ଶ୍ରୀ ପାଣ୍ଡିଆନ୍ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ। ଏହାସହ ୟୁନିଭର୍ସିଟିରେ ଚାଲିଥିବା ଉନ୍ନୟନ କାମ ଦେଢ଼ ମାସ ମଧ୍ୟରେ ଶେଷ ହେବା ନେଇ ପ୍ରତିଶ୍ରୁତି ଦେଇଥିଲେ ।

ପିଲାମାନଙ୍କ ସହ କଥା ହୋଇ ୫-ଟି ଅଧ୍ୟକ୍ଷ କହିଥିଲେ, ନିଜ ପ୍ରତିଭା ପରିପ୍ରକାଶ କରିବାର ଏକ ଭଲ ପ୍ଲାଟଫର୍ମ ହେଉଛି ନୂଆ-ଓ କାର୍ଯ୍ୟକ୍ରମ। କଲେଜ, ବ୍ଲକ ଓ ଜିଲ୍ଲା ସ୍ତରରେ ପ୍ରତିଯୋଗିତା ହେଉଛି । ଏହା ଆପଣମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏଥିରେ ଅଂଶଗ୍ରହଣ କରିବା ଆପଣଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । ଜିତିବା ଯେତିକି ବଡ଼ କଥା ନୁହେଁ ଅଂଶ ଗ୍ରହଣ କରିବା ତାଠାରୁ ଅଧିକ ବଡ଼ । କାରଣ ଏହା ଆପଣଙ୍କ ପ୍ରତିଭାକୁ ଆହୁରି ଶାଣିତ କରିବ ।



ସେ କହିଥିଲେ, ନୂଆ-ଓ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀଙ୍କ ଏକ ବଡ଼ ପଦକ୍ଷେପ । ଏହା ଆପଣଙ୍କ ଭିତରେ ଥିବା ପ୍ରତିଭାକୁ ବିକଶିତ କରିବ । ଭବିଷ୍ୟତରେ ଏହା ଆପଣଙ୍କୁ ଜଣେ ଜଣେ ଭଲ ମଣିଷ ହେବା ସହ ଜୀବନରେ ସଫଳତା ପାଇବାକୁ ବାଟ ଦେଖାଇବ । ଆଗକୁ ବଢ଼ିବାକୁ *(ପୃଷ୍ଠା ୭ରେ)*

## ବଢ଼ିଲା ବିଏସ୍‌କେୱାଇ ନବୀନ କାର୍ଡ ଆବେଦନ ଅବଧି

**ଭୁବନେଶ୍ୱର, ୨୮।୧**

**ନ୍ୟୁଜ୍ ବ୍ୟୁରୋ**

ଗ୍ରାମାଞ୍ଚଳର ଗରିବ ତଥା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାର ବଡ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକ୍ରମେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ-ନବୀନ କାର୍ଡ ପଞ୍ଜିକରଣ ଆବେଦନ ଅବଧିକୁ ଆସନ୍ତା ଫେବୃଆରୀ ମାସ ୮ ତାରିଖ ଯାଏ ବଢାଇ ଦିଆଯାଇଛି। ଏଥିପାଇଁ ଆବେଦନ ଅବଧି ଜାନୁଆରୀ ୨୬ରେ ଶେଷ ହୋଇଯାଇଥିଲା। *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


## ସକାଳେ ଇସ୍ତଫା, ସନ୍ଧ୍ୟାରେ ଶପଥ

# ନବମ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ହେଲେ ନୀତିଶ କୁମାର

**ପାଟନା, ୨୮।୧**

ବିହାରରେ ପୁଣି ନୂଆ ସରକାର। ଆରଜେଡି ହାତ ଛାଡି ବିଜେପି ସହ ମିଶି ନୂଆ ସରକାର ଗଠନ କରିଛନ୍ତି ଜେଡିୟୁ ମୁଖିଆ ନୀତିଶ କୁମାର । ଏଥି ସହିତ ୯ମ ଥର ପାଇଁ ନୀତିଶ କୁମାର ବିହାର ମୁଖ୍ୟମନ୍ତ୍ରୀ ଭାବେ ରାଜଭବନରେ ପଦ ଓ ଗୋପନୀୟତାର ଶପଥ ପାଠ କରିଛନ୍ତି । ବିହାରର ରାଜ୍ୟପାଳ *(ପୃଷ୍ଠା ୭ରେ)*



# ଫେବୃଆରୀରେ ପୁଣି ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

## ବିଶାଳ ମହିଳା ସମାବେଶରେ ଦେବେ ଯୋଗ

**ଭୁବନେଶ୍ୱର, ୨୮।୧**

**ନ୍ୟୁଜ୍ ବ୍ୟୁରୋ**

ଆଗାମୀ ଫେବୃୟାରୀ ୧୦ ତାରିଖ ରେ ପୁଣି ଆଉ ଥରେ ଓଡିଶା ଆସିପାରନ୍ତି ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ସମ୍ପର୍କରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ବିଶାଳ ମହିଳା ସମାବେଶରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମାବେଶରେ ୧୪ ରାଜ୍ୟର ୨୫ ହଜାରରୁ ଅଧିକ ମହିଳା ସାମିଲ ହେବେ। ସାରା ଦେଶରେ ଦୁଇଟି ବଡ଼ ବଡ଼ ମହିଳା ସମାବେଶ ଆୟୋଜନ ହେଉଥିବା ବେଳେ ଗୋଟିଏ ମଧ୍ୟପ୍ରଦେଶ ଏବଂ ଆଉ ଗୋଟିଏ ଓଡ଼ିଶାରେ ହେବାର ଯୋଜନା ରହିଛି। ଭୁବନେଶ୍ୱରରେ ଫେବୃୟାରୀ ୧୦ରେ ବିଜେପି ଆୟୋଜନ କରୁଛି ବିଶାଳ ସମାବେଶ । ଏହି ସମାବେଶରେ ମହିଳା ମାନଙ୍କୁ ଉଦବୋଧନ *(ପୃଷ୍ଠା ୭ରେ)*



# ପ୍ରାର୍ଥୀ ନ ମିଳିଲେ ହଟିବ ଏସ୍‌ସି, ଏସ୍‌ଟି ଏବଂ ଓବିସି ପଦର ରିଜର୍ଭେସନ : ୟୁଜିସି

**ନୂଆଦିଲ୍ଲୀ, ୨୮।୧**

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ଙ୍କ ନୂଆ ଡ୍ରାଫ୍ଟ ଗାଇଡଲାଇନରେ ଅନୁସୂଚିତ ଜାତି (ଏସସି), ଅନୁସୂଚିତ ଜନଜାତି (ଏସଟି) ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ପ୍ରାର୍ଥୀଙ୍କ ନିମନ୍ତେ ସଂରକ୍ଷିତ ସ୍ଥାନରେ ସେହି ସଂଖ୍ୟକ ପ୍ରାର୍ଥୀ ନ ଆସିଲେ ଏହାକୁ ଅଣ ସଂରକ୍ଷିତ ଘୋଷଣା କରାଯାଇ ପାରିବ ବୋଲି ପରାମର୍ଶ ଦେଇଛନ୍ତି । ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ *(ପୃଷ୍ଠା ୭ରେ)*

# ଇସ୍ରାଏଲର ଅଭିଯୋଗ ପରେ ୟୁଏନ୍‌ର ୧୨ କର୍ମଚାରୀ ବରଖାସ୍ତ

**ନୂଆଦିଲ୍ଲୀ, ୨୮।୧**

ଇସ୍ରାଏଲ-ହମାସ ଯୁଦ୍ଧ ମଧ୍ୟରେ ଆମେରିକା ସମେତ ୯ ଦେଶ ଜାତି ସଂଘର ଏକ ଏଜେନ୍ସି ୟୁନାଇଟେଡ ନେସନସ ରିଲିଫ ଆଣ୍ଡ ୱାର୍କ ଏଜେନ୍ସି (ୟୁଏନଆରଡବ୍ଲୁଏ)କୁ ଫଣ୍ଡିଂ ବନ୍ଦ କରିଦେଇଛନ୍ତି । ୟୁଏନଆରଡବ୍ଲୁଏ ନାମକ ସଂସ୍ଥାର ୧୨ କର୍ମଚାରୀ ହମାସ ଆତଙ୍କବାଦୀଙ୍କ ସହ ମିଶି ୭ ଅକ୍ଟୋବର ଆକ୍ରମଣ କରିଥିଲେ ବୋଲି ଇସ୍ରାଏଲ ଅଭିଯୋଗ କରିଛି। ଏହି ଅଭିଯୋଗ ପରେ ଏଜେନ୍ସି ସମସ୍ତ ୧୨ ଜଣ କର୍ମଚାରୀଙ୍କୁ ବରଖାସ୍ତ କରିଦେଇଛି। ୟୁଏନଆରଡବ୍ଲୁଏ ମୁଖ୍ୟ ଫିଲିପେ ଲଜାରିନୀ କହିଛନ୍ତି ଯେ ସଂସ୍ଥାର ସମ୍ମାନ ରକ୍ଷା *(ପୃଷ୍ଠା ୭ରେ)*



# ଅଯୋଧ୍ୟା ପରେ ଓଁ ଆକୃତିର ମନ୍ଦିରର ହେବ ଉଦଘାଟନ

**ନୂଆଦିଲ୍ଲୀ, ୨୮।୧**

ରାଜସ୍ଥାନର ପାଲି ଜିଲ୍ଲାର ଜାଡନ ଆଶ୍ରମରେ ଶିଳାନ୍ୟାସର ପାଖାପାଖି ତିନିଦଶକ ପରେ ଓଁ ଆକୃତିର ଭଗବାନ ଶିବଙ୍କ ଭବ୍ୟ ମନ୍ଦିରର ନିର୍ମାଣ କାମ ଶେଷ ହୋଇଛି । ଓଁ ଆକୃତିର *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ରାଜନୀତି ଏଠି ନିଇତି ବଦଳେ
ଦେଖିକି ହୁଅନି ଟେରା
କ୍ରିମ୍ ପାଉଡର ଧୂମ୍ ମାଖିକି
ଭୂଆ ହୋଇଯାଏ ଗୋରା
ଏବେ ବିହାରରେ ଯେଉଁ ନାରା
ଚବିଶିରେ ସବୁ କଣ ହେବ ଯେ
ବିରୋଧୀଙ୍କ ବଢେ ପାରା।

# ଏଣିକି ଖରାପ ବ୍ୟବହାର କଲେ ଶିକ୍ଷକଙ୍କ ସମ୍ପତ୍ତି ଉପରେ ଚଢ଼ାଯିବ ବୁଲଡୋଜର



**ନୂଆଦିଲ୍ଲୀ, ୨୮।୧**

ରାଜସ୍ଥାନର କୋଚିଂ ସେଣ୍ଟର କୋଟାରେ ପହଞ୍ଚି ଶିକ୍ଷାମନ୍ତ୍ରୀ ଆକସନ ମୋଡରେ ନଜରକୁ ଆସିଥିଲେ। ଏଣିକି ଶିକ୍ଷା ବିଭାଗ ପ୍ରତି ଯଦି କୌଣସି ଶିକ୍ଷକ ଆଞ୍ଚ ଆଣନ୍ତି ତେବେ ସେମାନଙ୍କ ସମ୍ପତ୍ତି ଉପରେ ବୁଲଡୋଜର ଚଳାଇବା ନେଇ ଶିକ୍ଷାମନ୍ତ୍ରୀ କଡ଼ା ଚେତାବନୀ ଦେଇଛନ୍ତି।

ସରକାରୀ ସ୍କୁଲରେ ପିଲାଙ୍କୁ ଖରାପ ବ୍ୟବହାର ଦେଖାଇଲେ ଶିକ୍ଷକଙ୍କୁ ଏଣିକି ମହଙ୍ଗା ପଡ଼ିବ ବୋଲି ଶିକ୍ଷାମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୋଟାରେ ଛାତ୍ରୀମାନଙ୍କୁ ସାଇକେଲ ବିତରଣ କରାଯିବା କାର୍ଯ୍ୟକ୍ରମରେ ଶିକ୍ଷା ମନ୍ତ୍ରୀ ସାମିଲ ହୋଇଥିଲେ।

ଏହି ଅବସରରେ ରାଜସ୍ଥାନର ଶିକ୍ଷା ମନ୍ତ୍ରୀ ମଦନ ଦିଲାର ଶିକ୍ଷକମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇ କହିଛନ୍ତି, ମୋତେ ଫାଶୀ ପଛେ ଦିଆଯାଉ କିନ୍ତୁ ନିୟମର ଅବହେଳା କରୁଥିବା ଶିକ୍ଷକ ଓ ଖରାପ ବ୍ୟବହାର ଦେଖାଉଥିବା ଶିକ୍ଷକଙ୍କ ଉପରେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କାରଣ କିଛି ଶିକ୍ଷକଙ୍କ ନିଚ କାମ ହେତୁ ଶିକ୍ଷା ବିଭାଗ ସମ୍ମାନ ପ୍ରତି ଆଞ୍ଚ ଆସୁଛି । ତେଣୁ ଆଗକୁ ଏଭଳି ଶିକ୍ଷକଙ୍କର କୌଣସି ସଫେଇ ଶୁଣାଯିବ ନାହିଁ । ଏମିତି ଶିକ୍ଷକଙ୍କୁ କେଣସି ପ୍ରକାର ପ୍ରଶ୍ରୟ ଦିଆଯିବ ନାହିଁ।

ଏମିତି କାମ କରୁଥିବା ନେଇ ଯଦି କୌଣସି ଶିକ୍ଷକଙ୍କ *(ପୃଷ୍ଠା ୭ରେ)*

# ୩୧ ତାରିଖରୁ ରାଜ୍ୟରେ ବଦଳିବ ପାଗ

**ଭୁବନେଶ୍ୱର, ୨୮।୧**

**ନ୍ୟୁଜ୍ ବ୍ୟୁରୋ**

ପୁଣି ଭିଜିବ ଓଡିଶା। ୩୧ ତାରିଖରୁ ରାଜ୍ୟରେ ବଦଳିବ ପାଗ । ପଶ୍ଚିମା ଝଡ ପ୍ରଭାବରେ ରାଜ୍ୟରେ ପୁଣି ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ବିଶେଷ କରି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୩୧ ତାରିଖରେ ଝାରସୁଗୁଡା, ସୁନ୍ଦରଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜରେ ହାଲୁକା ବର୍ଷା ହେବା ନେଇ ଆକଳନ କରାଯାଇଥିବା ବେଳେ ୧ ତାରିଖରେ ବାଲେଶ୍ୱର, ସୁନ୍ଦରଗଡ, କେନ୍ଦୁଝର ଏବଂ ମୟୂରଭଞ୍ଜରେ ହାଲୁକା ବର୍ଷା ହେବ। ୪ ତାରିଖ ସକାଳ ସାଢେ ଆଠଟା ପର୍ଯ୍ୟନ୍ତ ପଶ୍ଚିମା ଝଡ ପ୍ରଭାବରେ ବର୍ଷା ହେବ।



ସେପଟେ ରାଜ୍ୟକୁ ଉତ୍ତର ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଥଣ୍ଡା ଶୁଷ୍କ ପବନ ପ୍ରଭାବରେ ଜାଡ ବଢ଼ିଛି ।

ଉପାନ୍ତରୁ ଉପକୂଳ ସବୁଠି ସ୍ୱାଭାବିକ ଠାରୁ ୪ ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମିଛି । ଆସନ୍ତା *(ପୃଷ୍ଠା ୭ରେ)*



ସମଲେଶ୍ୱରୀଙ୍କ ମନ୍ଦିରଠୁ ମହାନଦୀ ଘାଟ ଯାଏ ଦିବ୍ୟତା ଓ ଭବ୍ୟତାର ଅନୁଭବ


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

# The Sambad Kalika

TM

e-paper www.sambadkalika.in



E-mail : sambadkalikanews@gmail.com



ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

• ବର୍ଷ–୩୧ • ସଂଖ୍ୟା–୩ • ୨୯ ଜାନୁଆରୀ ୨୦୨୪, ସୋମବାର • ଭୁବନେଶ୍ୱର • Vol -31 • Issue-3 • 29th January 2024, Monday • Bhubaneswar

Licensed to post without pre-payment of postage No- BN-60/22-24





ସମ୍ପାଦକୀୟ

ସମ୍ବାଦ କଳିକା

# କର୍ପୋରେଟ୍ ଜଗତରେ ଜିଏସଟି ଆତଙ୍କ

କର୍ପୋରେଟ୍ ଜଗତ ପାଇଁ ନୂଆବର୍ଷ ଖୁସି ଆଣିବା ବଦଳରେ ଚିନ୍ତାର କାରଣ ପାଲଟିଛି। ବହୁ ସଂଖ୍ୟାରେ କଂପାନିକୁ ଜିଏସ୍‌ଟି ନୋଟିସ୍ ମିଳିଛି। ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)କୁ ୮୦୬ କୋଟି ଟଙ୍କାର ନୋଟିସ୍ ମିଳିଥିଲା। ପ୍ରଥମେ ମହାରାଷ୍ଟ୍ର ଓ ପରେ ତେଲେଙ୍ଗାନା ପକ୍ଷରୁ ଏଲ୍ଆଇସିକୁ ଜିଏସ୍‌ଟି ନୋଟିସ୍ ପଠାଯାଇଛି। ସେହିପରି, ହିନ୍ଦୁସ୍ତାନ ୟୁନିଲିଭରକୁ ୪୪୭.୫ କୋଟି ଟଙ୍କାର ଜିଏସ୍‌ଟି ନୋଟିସ୍ ମିଳିଛି। ପାଞ୍ଚଟି ରାଜ୍ୟ ଏହି ନୋଟିସ୍ ପଠାଇଛନ୍ତି। ଜୋମାଟୋକୁ ୪୦୨ କୋଟି ଟଙ୍କାର ନୋଟିସ୍ ମିଳିଛି। ଆଇସର ମୋଟର୍ସ, ଏସିଆନ ପେଣ୍ଟ୍‌ସ, ନେସ୍‌ଲେ ଇଣ୍ଡିଆ ଏବଂ ଆଇସିଆଇସିଆଇ ପ୍ରୁଡେନ୍‌ସିଆଲ୍‌କୁ ମଧ୍ୟ ଜିଏସ୍‌ଟି ନୋଟିସ୍ ମିଳିଛି। ଗେମିଂ ଶିଳ୍ପକୁ ୧.୫ ଲକ୍ଷ କୋଟି ଟଙ୍କାର ଟିକସ ନୋଟିସ୍ ପଠାଯାଇଥିବା ବେଳେ ବୀମା ଶିଳ୍ପକୁ ୫,୫୦୦ କୋଟି ଟଙ୍କା ଏବଂ ରିଅଲ ଇଷ୍ଟେଟ୍ ଶିଳ୍ପକୁ ୨୦୦୦ କୋଟି ଟଙ୍କାର ଟିକସ ନୋଟିସ୍ ଜାରି କରାଯାଇଛି। ଟିକସ ନୋଟିସ୍ ପାଇଥିବା କଂପାନିଗୁଡ଼ିକର ଚିନ୍ତା ବଢ଼ିଯାଇଛି।

ସେମାନେ ଗୁରୁତ୍ୱପୂର୍ଣ୍ଣ କାମ ଉପରୁ ଧ୍ୟାନ ହଟାଇ ଟିକସ ସମସ୍ୟାର ସମାଧାନ କରିବା ଉପରେ ମନୋନିବେଶ କରିଛନ୍ତି। କିଛି କଂପାନି ଗୁରୁତ୍ୱପୂର୍ଣ୍ଣ ଅଧିଗ୍ରହଣ ଓ ମିଶ୍ରଣକୁ ଟାଳି ଦେଇଥିବା ବେଳେ ଆଉ କିଛି ସଂସ୍ଥା କୋର୍ଟଙ୍କ ଦ୍ୱାରସ୍ଥ ହେବା ଉପରେ ବିଚାର କରୁଛନ୍ତି। ଯାହା ଜଣାପଡ଼ିଛି ପ୍ରଯୁକ୍ତିକୁ ବ୍ୟବହାର କରି ଏକାଧିକ ନୋଟିସ୍ ପଠାଯାଇଛି। କମ୍ପ୍ୟୁଟରରୁ ସୃଷ୍ଟି ହୋଇଥିବା ଏହି ନୋଟିସ୍‌ଗୁଡ଼ିକ ପଛରେ ମାନବ ହସ୍ତକ୍ଷେପ ନାହିଁ। ଆଶ୍ଚର୍ଯ୍ୟର ବିଷୟ ହେଉଛି ନୋଟିସ୍‌ଗୁଡ଼ିକରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ମଧ୍ୟ କରାଯାଇନାହିଁ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢ଼ି ଥୋକେ
ଭଗବାନ ହେଲେ
ରାମାୟଣ ପଢ଼ି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢ଼ିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢ଼ିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢ଼ି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢ଼ି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡ଼ି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ଼, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱେ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
(କ୍ରମଶଃ)

# ମୁକ୍ତିଯୁଦ୍ଧରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୦୩୯

ସୁଭାଷ ଚନ୍ଦ୍ର ବୋଷ। ସେ କାହାର ପ୍ରତିଛବି ଅବା ପ୍ରତିବିମ୍ବ ନୁହନ୍ତି। ଚେଷ୍ଟା ନକରିବା, ଚେଷ୍ଟା କରି ବିଫଳ ହେବା - ଏ ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ କଥା। ରକ୍ତାକ୍ତ ସଂଘର୍ଷ ତାଙ୍କର ନାପସନ୍ଦ; ମାତ୍ର ଆବଶ୍ୟକ ହେଲେ ସେଥିପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ। ଏଇଟି ଥିଲା ତାଙ୍କର ଅଗ୍ନିବର୍ଷୀ ଆହ୍ୱାନ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଭାରତର ସନ୍ତାନ। ଭାରତର ମୁକ୍ତି ସର୍ବାଙ୍କର କାମ୍ୟ। ବ୍ରିଟିଶ ସାମ୍ରାଜ୍ୟର ପତନ ନେତାଜୀଙ୍କ ପଣ ପ୍ରତିଜ୍ଞା। ଏଇ ଲକ୍ଷ୍ୟରେ ସେ ଆଗେଇଲେ। ଆପଣା ଢଙ୍ଗରେ ମୁକ୍ତି ସଂଗ୍ରାମକୁ ଆଗେଇ ନେଲେ। ପାଲଟିଲେ ମହାନ ମୁକ୍ତିଯୋଦ୍ଧା। ୧୯୨୧ରୁ ୧୯୪୧ ମସିହା। ଏଇ ସମୟସୀମା। ନେତାଜୀ ୧୧ ଥର କାରାବରଣ କଲେ। ଜେଲଖାନା ଜୁଲମ, ପୁଲିସର ଲାଠିମାଡ଼, ତାଙ୍କ ପାଇଁ ଫୁଲମାଳ, କାରାକକ୍ଷ ମନ୍ଦିର। ଅକାତରେ ସହିଗଲେ ଯନ୍ତ୍ରଣା। ଭାରତରେ ରହି ମୁକ୍ତିଯୁଦ୍ଧ ଚଳାଇବା, ତାଙ୍କ ପାଇଁ ଅସମ୍ଭବ ହୋଇପଡ଼ିଲା। ଶେଷରେ ଭାରତ ଛାଡ଼ିଲେ। ତାଙ୍କରି ଆଦର୍ଶ - "ମତେ ରକ୍ତଦିଅ, ମୁଁ ସ୍ୱାଧୀନତା ଦେବି।" ହାରି, ହୁରି ଗୁହାରି, ଏଥିରେ ନଥିଲା ତାଙ୍କର ପ୍ରତ୍ୟୟ। ଜାତୀୟ ତ୍ରିରଙ୍ଗା ଉଡ଼ାଇବାରେ ସେ ଥିଲେ ପ୍ରଥମ ଭାରତୀୟ।

ଭାରତୀୟ ଜାତୀୟ କଂଗ୍ରେସର 'ସଭାପତି', ଏକ ମର୍ଯ୍ୟାଦାଜନକ ପଦବୀ। ସେ ଆସନଟିକୁ ସେ ଦୁଇଥର ଅଳଙ୍କୃତ କରିଥିଲେ (୧୯୩୮ ମସିହା ୧୮ ଜାନୁୟାରୀ ରୁ ୧୯୩୯ ମସିହା ୨୮ ଜାନୁୟାରୀ, ୧୯୩୯ ମସିହା ଜାନୁୟାରୀ ୨୯ ରୁ ୧୯୩୯ ମସିହା ଅପ୍ରେଲ୍ ୨୯ ତାରିଖ)। ସଭାପତି ଭାବେ ତାଙ୍କର ଉଦ୍‌ବୋଧନ ଥିଲା ଅତୀବ ଆକର୍ଷଣୀୟ। ସ୍ୱାଭିମାନୀ ସୁଭାଷ। ଗାନ୍ଧିଜୀଙ୍କ ସହ ମତଭେଦ। ଶେଷରେ ସେ କଂଗ୍ରେସରୁ ଇସ୍ତଫା ଦେଲେ (୧୯୩୯ ମସିହା ଏପ୍ରିଲ ୨୯)।

ପଛ ଘୁଞ୍ଚା ନାହିଁ ବୀରର ଜାତକେ। ଏ କଥାଟି ସୁଭାଷଙ୍କ ଠାରେ ପୂର୍ଣ୍ଣ ପ୍ରମାଣିତ। ସୁଭାଷ ଗଢ଼ିଲେ 'ଫରୱାର୍ଡ଼ କ୍ଳବ୍' (୧୯୩୯ ମସିହା, ମଇ ୩ ତାରିଖ)। ଏଇଟି ଏକ ରାଜନୀତିକ ସଂଗଠନ। କଂଗ୍ରେସର ବହୁ ବାମପନ୍ଥୀ ଚିନ୍ତାଧାରାର କର୍ମୀ ଏକାଠି ହେଲେ। ଅନୁଷ୍ଠାନଟି କଂଗ୍ରେସର ଏକ ଶାଖା ଭାବେ ପରିଗଣିତ। ସୁଭାଷ ମୁଖପତ୍ରଟେ କାଢ଼ିଲେ। ନାଁ ଦେଲେ 'ଫରୱାର୍ଡ଼'। ତାହା ଥିଲା ସାପ୍ତାହିକୀ। ତାଙ୍କ ପ୍ରତି ଜନତାଙ୍କ ସମର୍ଥନ ସୁଅ ଛୁଟିଲା। ଭାରତରେ ଚହଳ ପଡ଼ିଲା। ବ୍ରିଟିଶ ସରକାର ତ୍ରସ୍ତ, ଶେଷରେ ନେତାଜୀଙ୍କୁ ନଜରବନ୍ଦୀ କଲେ (୧୯୪୦ ମସିହା ଜୁଲାଇ ୨)। ଆପଣ ଦେଶରେ ବିରୋଧ, ଇଂରେଜଙ୍କ ଶ୍ୟେନ ଦୃଷ୍ଟି। ଭାରତରେ ରହି ଲଢ଼ିବା ଆଉ ସମ୍ଭବ ନୁହେଁ। ଛଦ୍ମବେଶରେ ଦେଶ ଛାଡ଼ିଲେ (୧୯୪୧ ମସିହା ଜାନୁୟାରୀ ୧୬), ପହଞ୍ଚିଲେ ମସ୍କୋରେ (୧୯୪୧ ମସିହା ମାର୍ଚ୍ଚ ୨୮ ତାରିଖ)। ସାକ୍ଷାତ କଲେ ଷ୍ଟାଲିନ୍‌ଙ୍କୁ। ରୁଷର ବ୍ରିଟେନ୍ ସହ ମଧୁର ସମ୍ପର୍କ। ବ୍ରିଟେନ ବିରୋଧରେ ସୁଭାଷଙ୍କ ଲଢ଼େଇ। ଏ କଥାକୁ ଷ୍ଟାଲିନ୍ ଠିକ୍ ଭାବେ ନେଇନଥିଲେ। ମାତ୍ର ଭାରତରେ ଇଂରେଜ ଶାସନର ବିଲୋପ, ଏଥିପାଇଁ ନୈତିକ ସମର୍ଥନ ଦେଇଥିଲେ।

ସାରା ବିଶ୍ୱରେ ଦ୍ୱିତୀୟ ମହାସମରର ତାଣ୍ଡବ (୧୯୩୯-୧୯୪୫)। ଆସିଲା ଇଂରେଜ ହଟାଇବାର ସୁବର୍ଣ୍ଣ ସୁଯୋଗ। ସୁଭାଷ ଉତ୍ସାହିତ। ଜର୍ମାନୀରେ ତାଙ୍କ ଯୋଜନା ପ୍ରସ୍ତୁତ କଲେ। ଅକ୍ଷୟ ଶକ୍ତି (ଏକ୍‌ସି ପାୱାର) ପାଖରେ ବହୁ ଭାରତୀୟ ଯୁଦ୍ଧବନ୍ଦୀ। ସେମାନଙ୍କୁ ନେଇ ଗଠିତ ହେଲା 'ଆଜାଦ୍ ହିନ୍ଦ୍ ଫୌଜ'। ଯୁଦ୍ଧରେ ଜର୍ମାନୀର କ୍ରମାଗତ ବିଜୟ, ଉତ୍ସାହୀ ହିଟଲର। ଗୋଟେ ପରେ ଗୋଟେ ଦେଶ ଆକ୍ରମଣ। ତାଙ୍କ ପାଖରେ ବହୁ ସଂଖ୍ୟକ ଯୁଦ୍ଧବନ୍ଦୀ, ସେମାନଙ୍କ ମଧ୍ୟରୁ ୨୫୦୦ ଜଣ, ଯୋଗଦେଲେ ଆଜାଦ୍ ହିନ୍ଦ୍ ଫୌଜରେ। ସେମାନେ ବିଭିନ୍ନ ଧର୍ମାର। ପରସ୍ପର ମଧ୍ୟରେ ସମ୍ଭାଷଣ। ଏଥି ପାଇଁ 'ଜୟ ହିନ୍ଦ୍' ସୃଷ୍ଟି କରାଗଲା। ଜୟ ଅର୍ଥାତ୍ ବିଜୟ, ହିନ୍ଦ୍ ଅର୍ଥାତ ଭାରତ। 'ଜୟ ହିନ୍ଦ୍' କହିଲେ ଭାରତର ଜୟ। ଆଜାଦ୍ ହିନ୍ଦ୍ ଫୌଜର ନେତା ସୁଭାଷ। ତାଙ୍କୁ 'ନେତାଜୀ' ସମ୍ବୋଧନ କରାଗଲା। ରବୀନ୍ଦ୍ରନାଥ ଠାକୁର ତାଙ୍କୁ ପ୍ରଥମେ 'ନେତାଜୀ' କହିଥିଲେ। ହିଟଲର ମଧ୍ୟ ତାଙ୍କୁ ଏହି ମର୍ମରେ ସମ୍ବୋଧନ କଲେ। ଆଜାଦ୍ ହିନ୍ଦ୍ ଫୌଜର 'ଜୟ ହିନ୍ଦ୍' - ଏବେବି ଭାରତୀୟ ପ୍ରତିରକ୍ଷା ବାହିନୀରେ ଅତୁଟ। ରବୀନ୍ଦ୍ର ନାଥଙ୍କ 'ଜନ-ଗଣ-ମନ' ଆଜାଦ୍ ହିନ୍ଦ୍ ଫୌଜର ଜାତୀୟ ସଙ୍ଗୀତ।

ନେତାଜୀ କେବଳ ଜର୍ମାନୀ ନୁହେଁ, ଜାପାନ, ଇଟାଲୀ ସହ ସୁସମ୍ପର୍କ ରଖିଲେ। ଘଟଣା କଡ଼ ଲେଉଟେଇଲା। ରୁଷ ଜର୍ମାନ୍ ସହ ଚୁକ୍ତି ଭଙ୍ଗ କଲା। ଜର୍ମାନ ଆକ୍ରମଣ କଲା। ତେଣେ ଜାପାନର ଆମେରିକାର ନୌଘାଟି ଉପରେ ପ୍ରଚଣ୍ଡ ଆକ୍ରମଣ। ଜାପାନ-ଜର୍ମାନୀ-ଇଟାଲି - ଏମାନେ ଆକ୍ସିସ ପାୱାର। ଜାପାନର ଘୋର ଯୁଦ୍ଧ ମିତ୍ର ଶକ୍ତି ବିରୋଧରେ। ଅଳ୍ପ ସମୟ ଭିତରେ ଅଧିକାର କଲା ଫିଲିପାଇନ୍‌ସ, ଇଣ୍ଡୋନେସିଆ, ମାଲେସିଆ। ବର୍ମା, ସିଙ୍ଗାପୁର ବି ଦଖଲ କଲା। ଜାପାନୀ ସୈନ୍ୟ ରେଙ୍ଗୁନ୍ ଅଧିକାର କଲେ (୧୯୪୨ ମସିହା ମାର୍ଚ୍ଚ)। ଯୁଦ୍ଧ



ଭାରତର ସମୀପବର୍ତ୍ତୀ। ନେତାଜୀ ଏହାର ସୁଯୋଗ ନେଲେ। ଭାରତର ପୂର୍ବ ସୀମାନ୍ତ। ସେଇଠାରୁ ମୁକ୍ତି ସଂଗ୍ରାମ ଚଳାଇବା ପାଇଁ ସଜବାଜ ହେଲେ। ଜାପାନର ଗୋଟେ ଉଗ୍ରବାଦୀ ସଂଗଠନ, ଏଥି ସହିତ ତାଙ୍କର ନିୟମିତ ସମ୍ପର୍କ। ଜାପାନରେ ରାସବିହାରୀ 'ଭାରତ ସ୍ୱାଧୀନତା ଲିଗ୍' ପ୍ରତିଷ୍ଠା କରିଥିଲେ। ସେଇ ଖବର କାଗଜଟିକୁ ମାଧ୍ୟମ କଲେ ରାସବିହାରୀ। ଭାରତର ମୁକ୍ତିଯୁଦ୍ଧ ସମ୍ବନ୍ଧରେ ଜାପାନ ବାସୀଙ୍କୁ ଅବଗତ କଲେ। ରାସବିହାରୀ ମଧ୍ୟ 'ଆଜାଦ୍ ହିନ୍ଦ୍ ସଂଘ' ଗଠନ କରିଥିଲେ। ୧୯୪୨ ମସିହା ଅଗଷ୍ଟ ୮ ତାରିଖ। କଂଗ୍ରେସର ଭାରତଛାଡ଼ ଆନ୍ଦୋଳନ ଡାକରା, ଗାନ୍ଧିଜୀଙ୍କ 'କର ବା ମର' ପ୍ରତିଜ୍ଞା। ଏପରି ଆହ୍ୱାନ ନେତାଜୀ, ତାଙ୍କ ଅନୁଗାମୀଙ୍କୁ ଉତ୍ସାହିତ କଲା। ପୂର୍ବ ଏସିଆରେ ଭାରତୀୟଙ୍କର ଅଭୂତପୂର୍ବ ଉତ୍ସାହ। ମାଳୟରେ ବହୁ ଭାରତୀୟ ସୈନ୍ୟ ଜାପାନ ନିକଟରେ ଆତ୍ମସମର୍ପଣ କଲେ। ସେଇମାନେ ଆଜାଦ୍ ହିନ୍ଦ ଫୌଜରେ ମିଶିଲେ। ଦାୟିତ୍ୱରେ ରହିଲେ କ୍ୟାପଟେନ୍ ମୋହନ ସିଂହ। ତାଙ୍କ ସହ କ୍ୟାପ୍‌ଟେନ୍ ମହମ୍ମଦ ଆକ୍ରମ, ସେମାନଙ୍କ କମାଣ୍ଡିଂ ଅଫିସର ଲେଫ୍‌ଟନାଣ୍ଟ କର୍ଣ୍ଣେଲ ଫିଜ୍ ପ୍ୟାଟ୍ରିକ୍। ସମସ୍ତେ ଖୁବ୍ ଦୁଃସାହସୀ।

ଆଜାଦ୍ ହିନ୍ଦ ଫୌଜ ଗଠିତ ହେଲା (୧୯୪୨), ପ୍ରଥମେ ଏଥିରେ ଥିଲେ ୧୭,୦୦୦ ଭାରତୀୟ ସୈନିକ। ଅନ୍ୟୁନ ୨୩,୦୦୦ ବଳକା ସୈନ୍ୟ ସ୍ୱେଚ୍ଛାସେବୀ ବାହିନୀରେ। ଏମାନେ ମଧ୍ୟରେ ହିନ୍ଦୁ, ମୁସଲମାନ, ଶିଖ ଆଦି ବିଭିନ୍ନ ଧର୍ମାବଲମ୍ବୀ। ସେମାନଙ୍କ ପୋଷାକ ହାଫ୍‌ପ୍ୟାଣ୍ଟ, ଖାକି ସାର୍ଟ। ୧୯୪୩ ମସିହା ଜୁଲାଇ ୬ ତାରିଖ। ଜାପାନର ପ୍ରଧାନମନ୍ତ୍ରୀ ତେଜୋ, ତାଙ୍କ ସହ ସୁଭାଷ। ଆଜାଦ୍ ହିନ୍ଦ୍ ଫୌଜର ଏକ ସୁଦୃଶ୍ୟ ପ୍ୟାରେଡ୍। ସେଥିରେ ଉଭୟଙ୍କୁ ଅଭିବାଦନ ପ୍ରଦାନ କରାଗଲା। ନେତାଜୀ ଆପଣା କୌଶଳରେ ଲାଗିପଡ଼ିଥିଲେ। ରେଙ୍ଗୁନ୍ ଠାରେ ବର୍ମାର ନେତୃବୃନ୍ଦଙ୍କ ସହ ଆଲୋଚନା ଆରମ୍ଭ କଲେ। ବର୍ମାରେ ଆଜାଦ୍ ହିନ୍ଦ୍ ଫୌଜର ରହିବା, ଅବାଧ ଚଳପ୍ରଚଳ ସିଦ୍ଧାନ୍ତ ରଖାଗଲା। ସୁଭାଷ ଆଜାଦ୍ ହିନ୍ଦ୍ ଫୌଜର ମୁଖ୍ୟ ସେନାଧକ୍ଷ। ଜାପାନୀମାନେ ଇଂରେଜଙ୍କ ହାତରୁ ଆଣ୍ଡାମାନ ଦ୍ୱୀପପୁଞ୍ଜ ଛଡ଼ାଇନେଲେ। ସେଠାରେ ସୁଭାଷ ଅସ୍ଥାୟୀ ଆଜାଦ୍ ହିନ୍ଦ ସରକାର ଗଠନ କଲେ। ଆଜାଦ୍ ହିନ୍ଦ ଫୌଜରେ ଗଠିତ ହେଲା ଝାନ୍ସିରାଣୀ ରେଜିମେଣ୍ଟ। ମୁଖ୍ୟ ଦାୟିତ୍ୱରେ ଡକ୍ଟର ଲକ୍ଷ୍ମୀ ସେହଗଲ। ତାହା ଥିଲା ବିଶ୍ୱର ପ୍ରଥମ ମହିଳା ସୈନ୍ୟବାହିନୀ। ମହିଳା ରେଜିମେଣ୍ଟରେ ମାଲେସିଆର ବହୁ ମହିଳା, ଏମାନେ ରବର ଚାଷୀଙ୍କର ପତ୍ନୀ ଅବା ଭଉଣୀ। ଏହି ମହିଳା ସୈନ୍ୟବାହିନୀ ଉଲ୍ଲେଖନୀୟ ଦେଶପ୍ରେମର ନିଦର୍ଶନ।

ଆଜାଦ୍ ହିନ୍ଦ୍ ଅସ୍ଥାୟୀ ସରକାର। ଏହାର ମୁଖ୍ୟ କାର୍ଯ୍ୟାଳୟ ସିଙ୍ଗାପୁର। ସର୍ବପ୍ରଥମେ ଜାପାନଠାରୁ ସ୍ୱୀକୃତି ପାଇଲା। ପରେ ପରେ ଜର୍ମାନୀ, ଇଟାଲୀ, କ୍ରୋଏସିଆ, ସ୍ପେନ, ଆୟାର୍ଲାଣ୍ଡ, ବର୍ମା - ଏସବୁ ଦେଶ ସ୍ୱୀକୃତି ଦେଲେ। ଆଜାଦ୍ ହିନ୍ଦ୍ ଅସ୍ଥାୟୀ ସରକାରର ସଭାପତି ସ୍ୱୟଂ ସୁଭାଷ। ଶେଷରେ ସୁଭାଷ ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ ବିରୋଧରେ ଯୁଦ୍ଧ ଘୋଷଣା କଲେ। ଜାପାନ ଦ୍ୱାରା ଅଧିକୃତ ଆଣ୍ଡାମାନ ଆଉ ନିକୋବର ଦ୍ୱୀପପୁଞ୍ଜ। ଦ୍ୱୀପ ଦୁଇଟି ସୁଭାଷଙ୍କୁ ହସ୍ତାନ୍ତରିତ କରାଗଲା। ଆଣ୍ଡାମାନକୁ ଶହୀଦ, ନିକୋବରକୁ ସ୍ୱରାଜ - ଏଇ ନାମରେ ନାମିତ କଲେ ସୁଭାଷ। ଜାଭା, ବୋର୍ଣ୍ଣିଓ, ସୁମାତ୍ରା ଆଦି ଦ୍ୱୀପପୁଞ୍ଜ। ସେଠାରେ ନେତାଜୀ ଭାରତୀୟମାନଙ୍କୁ ସମ୍ବୋଧନ କଲେ। ତାଙ୍କ ସପକ୍ଷରେ ସମର୍ଥନ ଜୁଟାଇବେ।

୧୯୪୪ ମସିହା ଜାନୁୟାରୀ ୭ ତାରିଖ। ଆଜାଦ୍ ହିନ୍ଦ ସରକାରଙ୍କ ମୁଖ୍ୟ କାର୍ଯ୍ୟାଳୟ, ସ୍ଥାନାନ୍ତରିତ ହେଲା ରେଙ୍ଗୁନ୍‌କୁ। ବ୍ରିଟିଶ ସୈନ୍ୟ ଯୁଦ୍ଧରେ ଆତ୍ମସମର୍ପଣ କରିଥିଲେ। ସେମାନଙ୍କ ଯୁଦ୍ଧ ସରଞ୍ଜାମ, ଟ୍ୟାଙ୍କ, କମାଣ, ମେସିନ୍ ଗନ୍, ବନ୍ଧୁକ, ନେବା ଆଣିବା ଗାଡ଼ି, ସବୁ ଅକ୍ତିଆର କଲେ ଜାପାନୀ ସୈନ୍ୟ। ନେତାଜୀ ସେଗୁଡ଼ିକ କମ୍ ଦାମ୍‌ରେ କିଣିଲେ। ଯୁଦ୍ଧ ପରିଚାଳନା ପାଇଁ ପାଞ୍ଚଟି ତାଲିମ କେନ୍ଦ୍ର, ସେଠାରେ ସୈନ୍ୟମାନଙ୍କୁ ହିନ୍ଦୀ ଭାଷାରେ ଶିକ୍ଷା ଦିଆଗଲା। ଆଜାଦ୍ ହିନ୍ଦ୍ ଫୌଜର ପ୍ରାୟ ୬୦,୦୦୦ ସୈନ୍ୟବଳ। ଝାନ୍ସୀ ରାଣୀ ରେଜିମେଣ୍ଟରେ ଅନ୍ୟୁନ୍ୟ ବାରଶହ ନାରୀ ସୈନ୍ୟ। ଆସିଲା ପ୍ରତିକ୍ଷିତ ମୁହୂର୍ତ୍ତ। ୧୯୪୪ ମସିହା ଜାନୁୟାରୀ ୨୭ ତାରିଖ, ଜାପାନର ସେନାନାୟକ କତାକୁରା, ତାଙ୍କ ସହ ନେତାଜୀ। ସିଦ୍ଧାନ୍ତଟେ ନିଆଗଲା। ଆଜାଦ୍ ହିନ୍ଦ୍ ଫୌଜ ଭାରତ ଆକ୍ରମଣ କରିବ, ଜାପାନ ସାହାଯ୍ୟ ଦେବ। ତା' ପରଦିନ ଘଟଣା। ରେଙ୍ଗୁନ୍ ସହରର କୋଟିନ୍ ସ୍କୁଲ୍। ସୁଭାଷଙ୍କ ପ୍ରାୟ ୫୦,୦୦୦ ସୈନ୍ୟ ସେଠାରେ ଠୁଳ ହେଲେ। ପରସ୍ପରକୁ 'ଜୟ ହିନ୍ଦ୍'ରେ ସମ୍ବୋଧନ, ଅଭିନନ୍ଦନ। ସେଇ ସୈନ୍ୟଙ୍କ ମଧ୍ୟରେ ପାଞ୍ଚ ହଜାରରୁ ଅଧିକ ଓଡ଼ିଆ। ନେତାଜୀଙ୍କର ବ୍ୟକ୍ତିଗତ ଦେହରକ୍ଷୀ ପାଞ୍ଚଜଣ ଜେନେରାଲ। ଜାପାନ ନେତାଜୀଙ୍କୁ ଗୁପ୍ତ ସମ୍ବାଦଟେ ଦେଲା। ଜାପାନ ଇମ୍ଫାଲ ଉପରେ ଆକ୍ରମଣ କରିବ। ନେତାଜୀ ଆଉ କାଳକ୍ଷେପଣ କରି ନଥିଲେ। ଆଜାଦ୍ ହିନ୍ଦ୍ ଫୌଜର ନାଁ ଡାକ ଅଫିସରମାନେ। ସୈନ୍ୟସାମନ୍ତ ନେଇ ବର୍ମା ସୀମାନ୍ତରେ। ସିଙ୍ଗାପୁରରୁ ବର୍ମା। ଏକ ସୁଦୀର୍ଘ ପଥ। ଆଜାଦ୍ ହିନ୍ଦ ଫୌଜର ସୈନ୍ୟମାନେ ପାଦରେ ଚାଲି ଚାଲି ଅତିକ୍ରମ କଲେ। ନେତାଜୀ ସାଥିରେ। ସୈନ୍ୟବଳଙ୍କ ମନୋବଳ ବଢ଼ାଉ ଥାଆନ୍ତି। 'ଦିଲ୍ଲୀ ଚଲୋ, ଦିଲ୍ଲୀ ଚଲୋ' - ନେତାଜୀଙ୍କ ଡାକରା। ତାଙ୍କ ପଦାତିକ ବାହିନୀର ଶତସିଂହର ହୁଙ୍କାର। ଆଜାଦ୍ ହିନ୍ଦ୍ ଫୌଜ ଭାରତ ସୀମାରେ ପ୍ରବେଶ କଲେ (୧୯୪୪ ମସିହା ମାର୍ଚ୍ଚ ୧୯)। ବ୍ରିଟିଶ ଫଉଜ ସଂଖ୍ୟାଧିକ। ଆଜାଦ୍ ହିନ୍ଦ୍ ଫୌଜଙ୍କ ଲଢୁଆ ପ୍ରଦର୍ଶନ ଥିଲା ଅତୀବ ପ୍ରଶଂସନୀୟ। ସେମାନେ ମଣିପୁର ମଏରାଙ୍ଗ ସହର ଦଖଲ କଲେ। କର୍ଣ୍ଣେଲ ମଲ୍ଲିକ ଉଡ଼ାଇଲେ ଭାରତୀୟ ତ୍ରିରଙ୍ଗା (୧୯୪୪ ମସିହା ଏପ୍ରିଲ ୧୪)। ମଣିପୁର ପାହାଡ଼ ଉପରେ ଉଡ଼ିଲା ୭୫ ଦିନ। ଇମ୍ଫାଲ ସହରକୁ ଜାପାନ ସବୁ ଦିଗରୁ ରାସ୍ତା ବନ୍ଦ କରି ଦେଇଥିଲା। ଲଢ଼େଇର ଚରମ ପ୍ରସ୍ତୁତି। ଇଂରେଜ ସରକାର ନିଜ ବାହିନୀକୁ ସହଯୋଗ ଯୋଗାଇ ଦେଲା। ଆକାଶ ମାର୍ଗରୁ ଖାଦ୍ୟ ପଦାର୍ଥ, ଅସ୍ତ୍ରଶସ୍ତ୍ର ପକାଇଲା। ଏ କ୍ଷେତ୍ରରେ ଜାପାନ ବାୟୁ ସେନା ଅସଫଳ ହେଲା। ଜାପାନୀ ସୈନ୍ୟଙ୍କ ସହ ଆଜାଦ୍ ହିନ୍ଦ୍ ଫୌଜ ପାଇଁ ଘୋର ଖାଦ୍ୟାଭାବ। ତେଣେ ଲଗାଣ ବର୍ଷା ଲାଗି ରହିଲା। ପ୍ରକୃତି ସହ ଭାଗ୍ୟ ହେଲା ପ୍ରତିକୂଳ। ଇମ୍ଫାଲକୁ ଜାପାନ ସୁରକ୍ଷା ଦେଇ ପାରିଲାନି। ଆସିଲା ଘୋର ଦୁର୍ଦ୍ଦିନ। ନେତାଜୀ ତାଙ୍କ ବାହିନୀଙ୍କୁ ଉତ୍ସାହ ଦେଉଥାଆନ୍ତି। ଭୋକ ଉପାସରେ ଅନେକ ସୈନ୍ୟ ମୃତ୍ୟୁବରଣ କଲେ। ପୁଣି ଏକ ଦୁର୍ଭାଗ୍ୟ। ଜାପାନୀ ସୈନ୍ୟ ତୁରନ୍ତ ଭାରତ ସୀମା ଛାଡ଼ିବାକୁ ନିର୍ଦ୍ଦେଶ ଆସିଲା (୧୯୪୪ ମସିହା ଜୁଲାଇ ୨୮)। ବୁଦ୍ଧିମାନ ନେତାଜୀ। ଯୁଦ୍ଧରେ ବୀରତ୍ୱ ପ୍ରଦର୍ଶନକାରୀ ସୈନ୍ୟସାମନ୍ତ। ସେମାନଙ୍କୁ ପୁରସ୍କୃତ କଲେ। ଜାପାନୀ ସୈନ୍ୟଙ୍କ ସହ ଆଜାଦ୍ ହିନ୍ଦ୍ ଫୌଜ ସମ୍ପୂର୍ଣ୍ଣ ରୂପେ ବର୍ମାରୁ ବିତାଡ଼ିତ ହେଲେ। ଏହାର ମୁଖ୍ୟ କାରଣ ଆମେରିକା--ବ୍ରିଟେନ୍ ଉଭୟଙ୍କ ମିଳିତ ଆକ୍ରମଣ। ଜାପାନୀ ସେନା, ଆଜାଦ୍ ହିନ୍ଦୀ ଫୌଜ ହେଲେ ଧ୍ୱସ୍ତ ବିଧ୍ୱସ୍ତ। ନେତାଜୀ ହାରିଯିବା ବ୍ୟକ୍ତି ନଥିଲେ। ପୁନଃ ସଂଗଠିତ କଲେ ଆପଣା ବାହିନୀକୁ। ପୁନଶ୍ଚ ଲଢ଼େଇ। ମାଣ୍ଡାଲେ ନିକଟବର୍ତ୍ତୀ ଇରାବତୀ ନଦୀ କୂଳ, ମୂକସାକ୍ଷୀ ଆଜାଦ୍ ହିନ୍ଦ ଫୌଜର ଶେଷ ଲଢ଼େଇର। ନେତାଜୀ ଏଥିରେ ପ୍ରତ୍ୟେକ୍ଷ ଭାବେ ସମ୍ପୃକ୍ତ ଥିଲେ। ସେ ଜିଦ୍‌ରେ ଅଟଳ। ତାଙ୍କ ସୈନ୍ୟଙ୍କ ସହ ରହିବେ। ନିଜ ଫୌଜର ମୁଖ୍ୟ ସେନାପତି କିଆନି। ତାଙ୍କରି ଉଦ୍ଦେଶ୍ୟରେ ବାର୍ତ୍ତାଟେ ପଠାଇଲେ - "ମୁଁ ଏହିଠାରେ ହିଁ ମରିବି।" ଏ ଥିଲା ତାଙ୍କ ଦେଶପ୍ରେମର ଶ୍ରେଷ୍ଠ ନମୁନା। ବହୁ ବାଧରେ ନେତାଜୀ ରଣ ସମ୍ମୁଖରୁ ବିଦାୟ ନେଲେ। ବାହୁଡ଼ିଲେ ରେଙ୍ଗୁନ୍।

୧୯୪୫ ମସିହା ଅଗଷ୍ଟ ୬ ଆଉ ୯ ତାରିଖ। ଜାପାନର ହିରୋସୀମା, ନାଗାସାକି ଉପରେ କ୍ରମରେ ପରମାଣୁ ବୋମା ନିକ୍ଷେପ କଲା ଆମେରିକା। ମାନବ ସଭ୍ୟତାର ଏଇଟି କଳଙ୍କିତ ଅଧ୍ୟାୟ। ଅଗଷ୍ଟ ୧୫ ତାରିଖ; ଜାପାନ ମିତ୍ର ଶକ୍ତି ନିକଟରେ ଆତ୍ମସମର୍ପଣ ଘୋଷଣା କଲା। ନେତାଜୀ ତଥା ଆଜାଦ୍ ହିନ୍ଦ୍ ଫୌଜର ସମସ୍ତ ଆଶା ମଉଳିଗଲା। ସୁଭାଷଙ୍କ ଜନ୍ମଭୂମି ଓଡ଼ିଶା। ଏକଥା କହି ସେ ଗର୍ବ ଅନୁଭବ କରୁଥିଲେ। ଓଡ଼ିଶା ବାହାରେ ଓଡ଼ିଆମାନଙ୍କ ସହ ତାଙ୍କର ଦେଖା ସାକ୍ଷାତ୍ ହୁଏ। ସେ ଓଡ଼ିଆରେ କଥାବାର୍ତ୍ତା କରନ୍ତି। ସେମାନଙ୍କର ସୁଖ ଦୁଃଖ ବୁଝନ୍ତି। ଜନ୍ମଭୂମି ଓଡ଼ିଶା ପାଇଁ ତାଙ୍କର ଅତୁଟ ମୋହ। ଆଜାଦ୍ ହିନ୍ଦ୍ ଫୌଜର ରାମସିଂହ ଠାକୁର। ସେଦିନ ଲେଖିଥିଲେ ଦେଶାତ୍ମବୋଧକ ସଂଗୀତଟେ-

"କଦମ୍ କଦମ୍ ବଢ଼ାଏ ଯା, ଖୁସି କେ ଗୀତ ଗାଏ ଜା / ୟହ ଜିନ୍ଦଗୀ ହେ କୌମ୍‌କୀ, ତୁ କୌମ ପେ ଲୁଟାୟେ ଜା, / ତୁ ଶେର୍-ଏ-ହିନ୍ଦ୍ ଆଗେ ବଢ଼, ମରନେ ସେ ତୁ କଭି ନା ଡର / ଉଡ଼ା କେ ଦୁଶ୍ମନୋଂ କା ସର, ଜୋଶ-ଏ-ୱତନ ବଢ଼ାୟେ ଜା / ତେରୀ ହିମ୍ମତ ବଢ଼ତୀ ରହେ, ଖୁଦା ତେରୀ ସୁନତା ରହେ / ଜୋ ସାମନେ ତେରେ ଅଡ଼େ, ତୋ ଖାକ ମେ ମିଲାୟେ ଯା।"...

ଭାରତୀୟ ସୈନ୍ୟବାହିନୀରେ ଏ ଗୀତର ମର୍ଯ୍ୟାଦା ଏବେବି ଚମକୁଛି।

ରୌପ୍ୟନଗରୀ କଟକର ଓଡ଼ିଆ ବଜାର। ସେଇଠି ନେତାଜୀଙ୍କ ଜନ୍ମସ୍ଥାନ 'ଜାନକୀନାଥ ଭବନ'। ଏବେ ତାହା ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ (ନେଜାତୀ ବାର୍ଥ ପ୍ଲେସ୍ ମ୍ୟୁଜିୟମ୍)। ପରିଦର୍ଶକ ମାନଙ୍କ ପାଇଁ ଏଇଟି ଅନ୍ୟତମ ମୁଖ୍ୟ ଆକର୍ଷଣ। ସଂଗ୍ରହାଳୟରେ ନେତାଜୀଙ୍କର ପୋଷାକ, ପରିବାର ତଥା ଅନ୍ୟ ନେତାଙ୍କୁ ଲେଖିଥିବା ହାତଲେଖା ଚିଠି, ତାଙ୍କ ସମ୍ବନ୍ଧୀୟ ନାନାଦି ଫଟୋଚିତ୍ର - ଏମିତି ବହୁ ଦୁଷ୍ପ୍ରାପ୍ୟ ବସ୍ତୁ ସ୍ଥାନିତ। ସଂଗ୍ରହାଳୟରେ ପାଠାଗାରଟେ ଅଛି। ନେତାଜୀଙ୍କ ସମ୍ବନ୍ଧୀୟ ଅନ୍ୟୁନ ପାଞ୍ଚଶହ ପୁସ୍ତକ ଏଥିରେ ରହିଛି। ନୈତିକତା ଆଉ ରାଜନୀତି, ତାହା ଅଙ୍ଗାଙ୍ଗୀ ଭାବେ ସଂଶ୍ଲିଷ୍ଟ। ରାଜନୀତିରୁ ନୈତିକତାକୁ ବାଦ୍ ଦିଆଯାଇ ନପାରେ। ନୀତିହୀନ ରାଜନୀତି ରାଜନୀତି ନୁହେଁ। ଏହା ନେଜାତୀଙ୍କ କେବଳ କହିବା କଥା ନୁହେଁ। ତାହାକୁ ସେ କାର୍ଯ୍ୟରେ ଦେଖାଇଦେଲେ। ବାସ୍ତବରେ ସେ ଜଣେ ନୀତିନିଷ୍ଠ ସଚ୍ଚା ଦେଶଭକ୍ତ। ତାଙ୍କରି ପାଦରେ ଏ ଜାତିର ଶତ କୋଟି ପ୍ରଣାମ।

# " ଶହୀଦ ଦିବସ "



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

ପ୍ରବାଦ ପୁରୁଷ ତଥା ଭାରତର ଜାତୀୟ ପିତାଙ୍କ ଜନ୍ମଦିନକୁ ଆମେ ଗାନ୍ଧୀ ଜୟନ୍ତୀ ରୂପେ ପାଳନ କରୁ। ଗାନ୍ଧୀ ଏକାଧାରା ରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମ୍ବାଦ ପତ୍ର ହରିଜନ ବନ୍ଧୁର ଉପଦେଷ୍ଟା, ସିଏ ଜଣେ ଓକିଲ, ସିଏ ଜଣେ ରାଜନୀତି ଦଳର ଉପଦେଷ୍ଟା ଥିଲେ ଏବଂ ଅହିଂସାର ପୂଜାରୀ ଥିଲେ। ଗାନ୍ଧୀଙ୍କ ପୁରା ନାମ ମୋହନ ଦାସ କରମଚାନ୍ଦ ଗାନ୍ଧୀ।ଗାନ୍ଧୀଙ୍କ ଭଲ କର୍ମପାଇଁ ତାଙ୍କୁ ଆମ ଦେଶ "ଜାତୀୟ ପିତା"ର ସମ୍ମାନରେ ସମ୍ମାନିତ କରିଛି। ଗାନ୍ଧୀଙ୍କ ତିନୋଟି ଆନ୍ଦୋଳନ ରେ ହଜାର ହଜାର ଲୋକ ଯୋଗୋଦେଇ ଥିଲେ। ଗାନ୍ଧୀଙ୍କ ବ୍ୟକ୍ତିତ୍ୱ ଓ ତ୍ୟାଗ ଭାରତର ସ୍ୱାଧୀନତା ସଂଗ୍ରାମ କୁ ଗୋଟିଏ ନୂଆ ମୋଡ ଦେଇଥିଲା। ଭାରତ ରେ ଇଂରାଜୀ ଶାସନ ଚାଲୁଥିବା ସମୟରେ ସିଏ ଅନେକ ଥର ଗିରଫ ହୋଇଛନ୍ତି ଏବଂ ଗାଳି ଗୁଲଜର ଶିକାର ମଧ ହୋଇଛନ୍ତି। ଗାନ୍ଧୀଙ୍କ ତିନୋଟି ଆନ୍ଦୋଳନ ହେଲା ଅସହଯୋଗ ଆନ୍ଦୋଳନ, ଭାରତ ଛାଡ ଆନ୍ଦୋଳନ ଏବଂ ଲବଣ ସତ୍ୟାଗ୍ରହ। ଏହି ତିନୋଟି ଆନ୍ଦୋଳନ ଆମକୁ ସ୍ୱାଧୀନତା ଦେଇଛି। ଭାରତର ସ୍ୱାଧୀନତା ସଂଗ୍ରାମରେ ଅନେକ ଲୋକ ଶହୀଦ ହୋଇଛନ୍ତି କିନ୍ତୁ ଆମ ଦେଶର ରାଜନୈତିକ ଦଳ ମାନେ ବାପୁଙ୍କ ସ୍ୱପ୍ନକୁ ଧୂଳିସାତ କରିଦେଇଛନ୍ତି। ଏହାକୁ ଧରି ବଡ ପ୍ରଶ୍ନ ଉଠିଛି ଆମେ ପ୍ରକୃତରେ କେତେ ସ୍ୱାଧୀନ ନା କେବଳ ନା ପାଇଁ ଆମେ ସ୍ୱାଧୀନତା ଦିବସ ପାଳନ କରୁଛୁ ଏହି ପ୍ରଶ୍ନ ଏକ ପ୍ରଶ୍ନ ହୋଇରହିଯାଇଛି। ଆମ ଦେଶର ଲୋକମାନେ କ୍ଷମତାବା ପଇସାକୁ ବେଶୀ ଗୁରୁତ୍ୱ ଦଉଛନ୍ତି।

ଶହୀଦ, ଆମ ପାଇଁ ଚିରସ୍ମରଣୀୟ।ଶହୀଦଙ୍କ ବଳିଦାନ ରେ ଆମର ଦେଶର ଭିତ୍ତିପ୍ରସ୍ତର ତିଆରି ହୋଇଛି। ଯୁଗେ ଯୁଗେ ଶହୀଦ ଆତ୍ମ ବଳି ଦେଇ ଦେଶ ଓ ଜାତିକୁ ବଞ୍ଚାଇଛି। ରାଷ୍ଟ୍ର ପିତା ବାପୁଜୀଙ୍କ ପୂଣ୍ୟ ତିଥି କୁ ଆମେ ଶହୀଦ ଦିବସ ରୂପେ ପାଳନ କରୁ।

ଗାନ୍ଧୀ,ଏକ ବ୍ୟକ୍ତି ବିଶେଷ ନୁହନ୍ତି ଏକ ଅନୁଷ୍ଠାନ, ଯୁଗଯୁଗ ଧରି ମାନବ ସମାଜ ପାଇଁ ପ୍ରେରଣାର ଉତ୍ସ। ସିଏ ଥିଲେ ସତ୍ୟ ଆଉ ଆହିଂସାର ଦ୍ରଷ୍ଟା।ଗାନ୍ଧୀଙ୍କ ମୃତ୍ୟୁ ପରେ ଆମର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ କହିଥିଲେ "The light has gone out"ମହାତ୍ମା ଗାନ୍ଧୀ ପ୍ରକୃତରେ ଆମ ପାଇଁ ମାର୍ଗଦର୍ଶକ ଥିଲେ।ଆଲୋକ ହୋଇ ଆଲୋକିତ କରିଥିଲେ ମାନବ ସମାଜକୁ। କରୋନା ସମୟରେ ଯେତେ ବେଳେ ବିଶ୍ୱ ଭୟଭୀତ ସେତେ ବେଳେ ଗାନ୍ଧୀଙ୍କର ବ୍ଲାକ ପ୍ଲେଗପରି ମହାମାରୀରୁ ଲୋକଙ୍କୁ ବଞ୍ଚାଇବାପାଇଁ ଚିକିତ୍ସା କରିବା ଏବଂ ମାହାମାରୀ ଯେପରି ନ ବ୍ୟାପୁ ସେଥିପାଇଁ ସତର୍କତା ଅବଲମ୍ବନ କରିବା ନିଶ୍ଚିତ ଭାବରେ ପ୍ରଶଂସା ଯୋଗ୍ୟ। ଗାନ୍ଧୀଜୀ ଦକ୍ଷିଣ ଆଫ୍ରିକାରେ ରହୁଥିବା ସମୟରେଏହି ମହାମାରୀ ବ୍ୟାପୀ ଥିଲା। ଜୋହାନ୍ସବର୍ଗର ସୁନା ଖଣିରେ କାମ କରୁଥିବା ଭାରତୀୟ ଶ୍ରମିକ ମାନେ ମୁଖ୍ୟତଃ ଏହି ମହାମାରୀର ଶିକାର ହୋଇଥିଲେ। ତା'ର ମୂଳ କାରଣ ହେଲା ସେମାନଙ୍କର ଅସ୍ୱାସ୍ଥ୍ୟକର ରହଣି। ଗାନ୍ଧୀଜୀ ନିଜ ସ୍ୱାସ୍ଥ୍ୟକୁ ଭ୍ରୁକ୍ଷେପ ନକରି ରୋଗୀ ସେବାରେ ଲାଗିଥିଲେ।

ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ଜନ୍ମ ୨ ଅକ୍ଟୋବର୧୮୬୯, ଗୁଜରାଟର ପୋରବନ୍ଦରରେ ହୋଇଥିଲା।

ପ୍ରବାଦ ପୁରୁଷ ତଥା ଭାରତର ଜାତୀୟ ପିତାଙ୍କ ଜନ୍ମଦିନକୁ ଆମେ ଗାନ୍ଧୀ ଜୟନ୍ତୀ ରୂପେ ପାଳନ କରୁ। ଗାନ୍ଧୀ ଏକାଧାରା ରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମ୍ବାଦ ପତ୍ର ହରିଜନ ବନ୍ଧୁର ଉପଦେଷ୍ଟା, ସିଏ ଜଣେ ଓକିଲ, ସିଏ ଜଣେ ରାଜନୀତି ଦଳର ଉପଦେଷ୍ଟା ଥିଲେ ଏବଂ ଅହିଂସାର ପୂଜାରୀ ଥିଲେ। ଗାନ୍ଧୀଙ୍କ ପୁରା ନାମ ମୋହନ ଦାସ କରମଚାନ୍ଦ ଗାନ୍ଧୀ।ଗାନ୍ଧୀଙ୍କ ଭଲ କର୍ମପାଇଁ ତାଙ୍କୁ ଆମ ଦେଶ "ଜାତୀୟ ପିତା"ର ସମ୍ମାନରେ ସମ୍ମାନିତ କରିଛି। ଗାନ୍ଧୀଙ୍କ ତିନୋଟି ଆନ୍ଦୋଳନ ରେ ହଜାର ହଜାର ଲୋକ ଯୋଗୋଦେଇ ଥିଲେ। ଗାନ୍ଧୀଙ୍କ ବ୍ୟକ୍ତିତ୍ୱ ଓ ତ୍ୟାଗ ଭାରତର ସ୍ୱାଧୀନତା ସଂଗ୍ରାମ କୁ ଗୋଟିଏ ନୂଆ ମୋଡ ଦେଇଥିଲା। ଭାରତ ରେ ଇଂରାଜୀ ଶାସନ ଚାଲୁଥିବା ସମୟରେ ସିଏ ଅନେକ ଥର ଗିରଫ ହୋଇଛନ୍ତି ଏବଂ ଗାଳି ଗୁଲଜର ଶିକାର ମଧ ହୋଇଛନ୍ତି। ଗାନ୍ଧୀଙ୍କ ତିନୋଟି ଆନ୍ଦୋଳନ ହେଲା ଅସହଯୋଗ ଆନ୍ଦୋଳନ, ଭାରତ ଛାଡ ଆନ୍ଦୋଳନ ଏବଂ ଲବଣ ସତ୍ୟାଗ୍ରହ। ଏହି ତିନୋଟି ଆନ୍ଦୋଳନ ଆମକୁ ସ୍ୱାଧୀନତା ଦେଇଛି। ଭାରତର ସ୍ୱାଧୀନତା ସଂଗ୍ରାମରେ ଅନେକ ଲୋକ ଶହୀଦ ହୋଇଛନ୍ତି କିନ୍ତୁ ଆମ ଦେଶର ରାଜନୈତିକ ଦଳ ମାନେ ବାପୁଙ୍କ ସ୍ୱପ୍ନକୁ ଧୂଳିସାତ କରିଦେଇଛନ୍ତି। ଏହାକୁ ଧରି ବଡ ପ୍ରଶ୍ନ ଉଠିଛି ଆମେ ପ୍ରକୃତରେ କେତେ ସ୍ୱାଧୀନ ନା କେବଳ ନା ପାଇଁ ଆମେ ସ୍ୱାଧୀନତା ଦିବସ ପାଳନ କରୁଛୁ ଏହି ପ୍ରଶ୍ନ ଏକ ପ୍ରଶ୍ନ ହୋଇରହିଯାଇଛି। ଆମ ଦେଶର ଲୋକମାନେ କ୍ଷମତାବା ପଇସାକୁ ବେଶୀ ଗୁରୁତ୍ୱ ଦଉଛନ୍ତି। ଗାନ୍ଧୀଙ୍କ ସ୍ୱାଧୀନ ବିଚାରଧାରା ଏବଂ ଦେଶପାଇଁ ତ୍ୟାଗ ଚିରସ୍ମରଣୀୟ।

ଗାନ୍ଧୀଙ୍କ ସଂଘର୍ଷ ସମୟରେ ଅନେକ ଗୁଡିଏ ସମସ୍ୟା ଭିତର ଦେଇ ଆମ ଦେଶ ଗତି କରୁଥିଲା, ଯେମିତିକି କୁସଂସ୍କାର, ଅନ୍ଧବିଶ୍ୱାସ, ଚାଷୀଙ୍କ ସମସ୍ୟା ଓ ଦେଶର ଦାରିଦ୍ର୍ୟତା। ଅଶିକ୍ଷା ଗୋଟିଏ ବଡ ସମସ୍ୟା ହୋଇ ଦେଖିବାକୁ ମିଳିଥିଲା। ଗାନ୍ଧୀ ଭାରତର ବିଭିନ୍ନ ପ୍ରାନ୍ତରକୁ ଯାଇ ଲୋକଙ୍କ ସମସ୍ୟାକୁ ଅଧ୍ୟୟନ କରିଥିଲେ। ଓଡିଶାକୁ ଯେବେ ଗାନ୍ଧୀ ଆସିଥିଲେ ସିଏ ଦେଖିଥିଲେ ଓଡିଶାର ଜଣେ ମହିଳା ନିହାତି ମଳିନ ଲୁଗାପିନ୍ଧି ତାଙ୍କୁ ଦେଖା କରିବାପାଇଁ ଆସିଥିଲେ। ଗାନ୍ଧୀ ମହିଳାଙ୍କୁ କହିଥିଲେକି ଗୋଟିଏ ପଇସା ରେ ସୋଡା ଆଣି ଲୁଗା ସଫା କାହିଁକି କରୁନାହାନ୍ତି ? ମହିଳା ଜଣକ ଲଜ୍ଜିତ ହୋଇ ଗାନ୍ଧୀଙ୍କୁ ଜଣାଇଥିଲେକି ତାଙ୍କ ପାଖରେ କେବଳ ଖଣ୍ଡିଏ ଲୁଗା ଅଛି ତେଣୁ ତାକୁ ସଫା କରିବା ତାଙ୍କପାଇଁ ଅସମ୍ଭବ। ଗାନ୍ଧୀଙ୍କ ପାଇଁ ମହିଳାଙ୍କ ଉତ୍ତର ଦେଶର ସାଧାରଣ ଜନତାର କଷ୍ଟକୁ ଯେମିତି ଉଜାଗର କରିଥିଲା। ବିଦେଶୀ ଶାସକଙ୍କ ଲୁଗା ଆମ ସାଧାରଣ ଜନତାଙ୍କ ସମସ୍ୟାକୁ ସମାଧାନ କରିପାରିବନି। ସେହି ଦିନ ଠାରୁ ଗାନ୍ଧୀ ଖଦଡ ଗାମୁଛା ପିନ୍ଧିଥିଲେ ଏବଂ ଘରେ ଘରେ କିପରି ସୂତାବୁଣି ଲୁଗା ତିଆରି ହେବ ତାହାପାଇଁ ଆହ୍ୱାନ କରିଥିଲେ। ଘରେ ଘରେ ଚରଖା ଚାଲିଲା ଲୁଗା ବୁଣା ହେଲା। ଗାନ୍ଧୀଙ୍କ ସ୍ୱାଧୀନ ବିଚାରଧାରା ସମସ୍ତ ଭାରତୀୟଙ୍କ ପାଇଁ ଗର୍ବ ଏବଂ ଗୌରବର କଥା।

ଅସ୍ପୃଶ୍ୟତା ବିରୁଦ୍ଧ ରେ ଗାନ୍ଧୀ ନିଜ ବିଚାରଦେଇଥିଲେ। ମଣିଷ ମଣିଷ କୁ ଅସ୍ପୃଶ୍ୟ ମନେ କରିବା ଗୋଟିଏ ଅପରାଧ ବୋଲି ଗାନ୍ଧୀ ଭାବୁଥିଲେ। ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ସିଏ ଆଗେଇ ଆସିଥିଲେ।

ଗାନ୍ଧୀ, ଜଣେ ମଣିଷ ପରି ମଣିଷ ଥିଲେ।ଆଜିର ବିଶ୍ୱ ରେ ଗାନ୍ଧୀଙ୍କ ବିଚାରଧାରା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ହିଂସା ଏବଂ ଇର୍ଷା ସମଗ୍ର ବିଶ୍ୱ କୁ ଲହୁଲୁହାଣ କରିଛି। ମଣିଷ ମଣିଷ ଭିତରେ ସମ୍ପର୍କ କଳୁଷିତ ହୋଇଯାଇଛି। କେବଳ ଗାନ୍ଧୀଙ୍କ ବିଚାରଧାରା ଓ ଗାନ୍ଧୀଙ୍କ ଆଦର୍ଶ ବିଶ୍ୱକୁ ଶାନ୍ତି ଦେଇପାରିବ।ସତ୍ୟ ଓ ଅହିଂସାରୁ ପଥଚ୍ୟୁତ ମଣିଷକୁ ରାସ୍ତା ଦେଖାଇବା ପାଇଁ ଆଜି ଗାନ୍ଧୀଙ୍କ ଉପସ୍ଥିତି ପୃଥିବୀ ଚାହୁଁଛି।ଦେଶ ଦେଶ ଭିତରେ ଯୁଦ୍ଧ ଚାଲିଛି, ଶକ୍ତିମାନ ନରର ଶକ୍ତି ଲିପ୍ସା ମଣିଷ ସମାଜକୁ କେଉଁଠି ନେଇ ପହଞ୍ଚାଇବ କିଏ କହିବ। ବାପୁଙ୍କ ଆଦର୍ଶ ଯୁଗଜୟୀ ଓ କାଳଜୟୀ କହିଲେ ଭୁଲ ହେବ ନାହିଁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ଜାନୁଆରୀ ୨୦୨୪ ସୋମବାର



# ମତଦାତା ସଚେତନ ହେଲେ ଗଣତନ୍ତ୍ର ସଶକ୍ତ ହେବ




**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

୨୦୧୧ ମସିହାରୁ ପାଳନ କରାଯାଇ ଆସୁଥିବା ଜାତୀୟ ମତଦାତା ଦିବସକୁ ଚଳିତ ବର୍ଷ ମଧ ଭଦ୍ରକ ଜିଲ୍ଲାରେ ମହାସମାରୋହରେ ପାଳନ କରାଯାଇଛି। ୧୮ ବର୍ଷ ବୟସ ଛୁଇଁଥିବା ଜଣେ ବି ଭୋଟରକୁ ବାଦ୍ ନ ଦେବା ଆଭିମୁଖ୍ୟରେ ପାଳନ କରାଯାଉଥିବା ଏହି ଦିବସ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା କାର୍ଯ୍ୟାଳୟରୁ ଶହୀଦ ସ୍ମୃତି ଭବନ ପର୍ଯ୍ୟନ୍ତ ୫୦୦ ରୁ ଉର୍ଦ୍ଧ୍ୱ ଛାତ୍ର-ଛାତ୍ରୀ ମାନଙ୍କୁ ନେଇ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ପତାକା ପ୍ରଦର୍ଶନ କରି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଉପଜିଲ୍ଲାପାଳ ମନୋଜ ପାତ୍ର, ଭଦ୍ରକ ତହସିଲଦାର ସଂଗ୍ରାମ କେଶରୀ ପ୍ରିୟଦର୍ଶୀ ଖୁଣ୍ଟିଆ, ଡେପୁଟୀ କଲେକ୍ଟର ନିର୍ବାଚନ ସାଗରିକା ସାହୁ, ଭଦ୍ରକ ପୌର ପାଳିକାର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଜିଲ୍ଲା ଶିକ୍ଷାଧିକାରୀ ଅଙ୍କୁର ବାରିକ୍, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏହି ପଦ ଯାତ୍ରାରେ ସାମିଲ ଥିଲେ। ସ୍କାଉଟ୍, ଗାଇଡ୍, ଡ୍ରମବାଦନ ସହ, ମତଦାତା ସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ସ୍ଲୋଗାନ ଆଧାରିତ ପ୍ଲାକାର୍ଡ଼ ଏହି ପଦଯାତ୍ରାରେ ପ୍ରଦର୍ଶନ କରାଯାଇଥିଲା। ଏହି ଦିବସ ପାଳନ ଉପଲକ୍ଷେ ଶହୀଦ ସ୍ମୃତି ଭବନରେ ଆୟୋଜିତ ସଚେତନତା ଧର୍ମୀ ସାଧାରଣ ସଭାରେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ବିଶ୍ୱରେ ଏକ ବୃହତ୍ ଗଣତାନ୍ତ୍ରିକ ଦେଶ ହେଉଛି ଆମ ଭାରତ ବର୍ଷ ଏବଂ ଏହି ଗଣତନ୍ତ୍ରକୁ ସୁଦୃଢ଼ କରିବା ଦିଗରେ ଅବାଧ, ସ୍ୱଚ୍ଛ ଏବଂ ମୁକ୍ତ ନିର୍ବାଚନ ଅତୀବ ଜରୁରୀ ବୋଲି ପ୍ରକାଶ କରିଥିଲେ। ସେଥିପାଇଁ ପ୍ରତ୍ୟେକ ମତଦାତା ସଚେତନ ହେବା ଏବଂ ଜଣେବି ମତଦାତା ଭୋଟର ତାଲିକାରୁ ବାଦ୍ ନ ପଡ଼ିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ସଭାରେ ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ଡେପୁଟୀ କଲେକ୍ଟର ନିର୍ବାଚନ ପ୍ରମୁଖ ମଧ୍ୟ ଯୋଗଦଇ ଦିବସ ପାଳନର ଉଦ୍ଦେଶ୍ୟ, ପ୍ରତି ବୁଥ୍‌ରେ ୧୮ ବର୍ଷ ଛୁଇଁଥିବା ଜଣେ ବି ଭୋଟର ଯେମିତି ବାଦ୍ ନ ରହନ୍ତି ସେଥିନେଇ ଆମେ ସମସ୍ତେ ସଚେତନ ହେବା ଏବଂ ସେ ଦିଗରେ ନିଜ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ବାହ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ।

# ଚତୁର୍ଥ ପର୍ଯ୍ୟାୟରେ ସୁବର୍ଣ୍ଣପୁରର ୨୮୬ ରୂପାନ୍ତରିତ ସ୍କୁଲ ଲୋକାର୍ପିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ଚତୁର୍ଥ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୮୬ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି । ଖୋର୍ଦ୍ଧା, ସୁବର୍ଣ୍ଣପୁର, ପୁରୀ, ନୟାଗଡ଼, ବୌଦ୍ଧ ଓ ନବରଙ୍ଗପୁର ଆଦି ୬ଟି ଜିଲ୍ଲାର ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରାଯାଇଛି । ଚତୁର୍ଥ ପର୍ଯ୍ୟାୟରେ ସୁବର୍ଣ୍ଣପୁର ଜିଲ୍ଲାର ୧୪ଟି ହାଇସ୍କୁଲକୁ ୫ରେ ଅନ୍ତର୍ଭୁକ୍ତ କରାଯାଇଛି । ଆଭାସୀ ମାଧ୍ୟମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅଧ୍ୟକ୍ଷ ଭିକେ ପାଣ୍ଡିଆନ ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟ ସରକାର ଶିକ୍ଷାକୁ ସବୁବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି । ଏଥିପାଇଁ ଅର୍ଥର ଅଭାବ ନାହିଁ ବୋଲି କହିଥିଲେ ବୀରମହାରାଜପୁର ବ୍ଲକ ଜଟେସିଙ୍ଘା ହାଇସ୍କୁଲରେ ଅନୁଷ୍ଠିତ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ସମାରୋହରେ ମନ୍ତ୍ରୀ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାର ନିରଞ୍ଜନ ପୁଜାରୀ, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ବଡସ୍ୱପ୍ନ ଦେଖି ଓ କଠିନ ପରିଶ୍ରମ କରି ରାଜ୍ୟ ପାଇଁ ସୁନାମ ଆଣିବାକୁ କହିଥିଲେ । ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ଜଟେସିଙ୍ଘା ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ରୀ ରିମା ଦେହୁରୀ ତାଙ୍କ ସ୍କୁଲକୁ ୫ରେ ରୂପାନ୍ତରିତ କରିଥିବାରୁ ମୁଖ୍ୟମନ୍ତ୍ରୀ ଓ ୫ ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ଚମକିଲେ ଦିବ୍ୟାଙ୍ଗ ସ୍ମୃତିରଞ୍ଜନ:ନିଯୁକ୍ତି ପାଇଁ ଚୟନ

**ଚିକିଟୀ, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲାର ଧାନଜଉଡ଼ା ଠାରେ ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନ ଏନ୍‌ଏସ୍‌ଡ଼ିସି ପକ୍ଷରୁ ଆୟୋଜିତ କୌଶଳ ମହୋତ୍ସବ ରୋଜଗାର ମେଳାରେ ଗଞ୍ଜାମ ଜିଲ୍ଲା ଚିକିଟୀପେଣ୍ଠର ଦିବ୍ୟାଙ୍ଗ ଯୁବକ ସ୍ମୃତିରଞ୍ଜନ ପଣ୍ଡା (୨୮) ଭାଗ ନେଇଥିଲେ । ସେଠାରେ ସେ ଭୁବନେଶ୍ୱରର ଏକ ଅନୁଷ୍ଠାନ ପକ୍ଷରୁ ନିଯୁକ୍ତି ପାଇଁ ଚୟନ ହୋଇଛନ୍ତି । କେବଳ ଏତିକି ନୁହେଁ, କାର୍ଯ୍ୟକ୍ରମର ମୁଖ୍ୟଅତିଥି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ସହ ଆଲୋଚନା କରି ହାଲ୍‌ଚାଲ୍ ପଚାରି ବୁଝିଛନ୍ତି । ଫଳରେ ସ୍ମୃତିରଞ୍ଜନ ପରିବାରରେ ଖୁସିର ଲହରି ଖେଳିଯାଇଛି । ରାମଚନ୍ଦ୍ରପୁର ପଞ୍ଚାୟତ ଖୁସାବାଡ଼ି ଗୋପୀନାଥପୁର ଶାସନ ଗ୍ରାମର ଗୋପାଳକୃଷ୍ଣ ପଣ୍ଡାଙ୍କ ପୁଅ ହେଉଛନ୍ତି



ସ୍ମୃତିରଞ୍ଜନ । ବାପା ଚିକିଟୀପେଣ୍ଠରେ ଛୋଟମୋଟ ବ୍ୟବସାୟ କରୁଥିବା ବେଳେ ସ୍ମୃତି ଏକ ବେସରକାରୀ ଆଇଟିଆଇରେ ପଢୁଥିଲେ । ଏହା ସହ କମ୍ପ୍ୟୁଟର ଶିକ୍ଷା ମଧ୍ୟ ଗ୍ରହଣ କରିଛନ୍ତି । କିନ୍ତୁ ସ୍ୱାବଲମ୍ବୀ ହେବାକୁ ବହୁ ଉଦ୍ୟମ କରି ମଧ୍ୟ ବିଫଳ ହେଉଥିଲେ । ଶେଷରେ ସେ ସୋରଡ଼ାର ସ୍କିଲ୍ ଇଣ୍ଡିଆ ନାମ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଚିକିଟୀ ବ୍ଲକ୍ ଭିନ୍ନକ୍ଷମ ଅଧିକାରୀଙ୍କ ସହଯୋଗରେ କୌଶଳ ମହୋତ୍ସବ ରୋଜକାର ମେଳାରେ ଭାଗ ନେଇ ନିଯୁକ୍ତି ପାଇଛନ୍ତି । ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଦେବଗଡ଼ ବିଧାୟକ ସୁବାଷ ପାଣିଗ୍ରାହୀ ଓ ପୂର୍ବତନ କୁଚିଣ୍ଡା ବିଧାୟକ ରବି ନାରାୟଣ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସୂଚନାଥାଉକି, ଦିବ୍ୟାଙ୍ଗ ସ୍ମୃତିରଞ୍ଜନ ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିଲେ । କରୋନା ମହାମାରୀର ପ୍ରାଦୁର୍ଭାବ ବେଳେ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧିକାରୀଙ୍କୁ ସୂଚନା ଅଧିକାର କର୍ମୀ ଭଗବାନ ପଣ୍ଡା ଭତ୍ତା ପାଇଁ ଟୁଇଟ୍ ଯୋଗ ଅଭିଯୋଗ କରିଥିଲେ । ଏହାପରେ ସ୍ମୃତିରଞ୍ଜନ ଭତ୍ତା ପାଇଥିଲେ ।

# ବିଜେପିର ନମୋ ନବ ମତଦାତା ସମ୍ମିଳନୀ

**ଧର୍ମଗଡ଼, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଗୋଲମୁଣ୍ଡା ବ୍ଲକ ଫୁଣ୍ଡା ଧାନ ମଣ୍ଡି ଠାରେ ବିଜେପି ଯୁବ ମୋର୍ଚ୍ଚା ନମୋ ନବ ମତଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମଟି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେରଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା । ଏଥିରେ ଗୋଲାମୁଣ୍ଡା ବ୍ଲକରେ ଥିବା ତିନୋଟି ଜୋନ୍‌ର ଯୁବକ ମାନେ ନୂତନ କରି ଭୋଟ୍ ତାଲିକାରେ ସଂଯୋଗ ହୋଇଥିବା ନବ ମତଦାତା ବହୁ ସଂଖ୍ୟାରେ ଯୋଗଦେଇଥିଲେ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଧାସଳଖ ନବ ମତଦାତାଙ୍କ ସହ ଭିଡିଓ କନ୍‌ଫେରେନ୍ସ ମାଧ୍ୟମରେ କଥାବାର୍ତ୍ତା ହୋଇଥିଲେ । ଯୁବ ମତଦାତା କିପରି ଦେଶକୁ ଆଗେଇ ନେବେ ଦେଶ ପ୍ରତି କଣ କର୍ତ୍ତବ୍ୟ କରିବେ ସେ ସମ୍ବନ୍ଧରେ ମୋଦିଜୀ ନବ ମତଦାତାଙ୍କ ସହ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନେକ ନବ ମତଦାତା ସିଧାସଳଖ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଥାବାର୍ତ୍ତା ହେଉଥିବାରୁ ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପ୍ରତି ପଞ୍ଚାୟତର ବୁଥ୍ ସଭାପତି ଓ ଜୋନ୍ ସଭାପତି ସହ ଅନେକ ବରିଷ୍ଠ ବିଜେପି କର୍ମୀମାନେ ଯୋଗ ଦେଇଥିଲେ ।



# ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ୩ ଚକିଆ ସାଇକେଲ ବଣ୍ଟନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନର ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଆଲମିକୋ ସହାୟତାରେ ରେଡ୍‌କ୍ରସ୍ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୭୬ ଜଣ ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ୩ ଚକିଆ ସାଇକେଲ ବଣ୍ଟନ କରାଯାଇଛି । ଏନେଇ କେନ୍ଦ୍ରାପଡା ସରକାରୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ, ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଏସପି ସନ୍ଦିପ ସମ୍ପଦ ମଡକର, ଅତିରିକ୍ତ ଜିଲ୍ଲାପାଳ ପୀତାମ୍ବର ସାମଲ, ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ପୌରଅଧ୍ୟକ୍ଷା ସରିତା ସାହୁ, ଆଲମିକୋର ରାଜ୍ୟ ମୁଖ୍ୟ ସ୍ମୃତି ମଲିକ, ଆଇଡିଏଫସି ବ୍ୟାଙ୍କର ପ୍ରତିକ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ୩୨ ଲକ୍ଷ ଟଙ୍କା ବ୍ୟୟରେ ୭୬ ଜଣ ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ୩ ଚକିଆ ସାଇକେଲ ବଣ୍ଟନ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ କାର୍ଯ୍ୟକ୍ରମର ସୂଚନା ଦେବା ସହ ଭିନ୍ନକ୍ଷମ ସଶକ୍ତିକରଣ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସେହିଭଳି ପୌର ପରିଷଦ ଦୃଷ୍ଟିହୀନ ବିଦ୍ୟାଳୟ ଅଯୋଧ୍ୟାନଗର ଠାରେ ଭାରତୀୟ ତୈଳ ନିଗମ ବିଶୋଧନାଗାର ତରଫରୁ ୧୦୬ ଜଣ ଭିନ୍ନକ୍ଷମଙ୍କୁ ଦିଆଯାଇଛି । ଏଥିରେ ଆଇଓସିଏଲର ବିପି ସୁବୁଦ୍ଧି ଉପସ୍ଥିତ ଥିଲେ । ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୁପାଲୀ ପ୍ରିୟଦର୍ଶିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ମହୋତ୍ସବ "ଭଦ୍ରାୟଣୀ" ଉଦ୍‌ଘାଟିତ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ବହୁ ପ୍ରତୀକ୍ଷିତ ଭଦ୍ରକ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ ନେହେରୁ ଷ୍ଟାଡ଼ିୟମ୍ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଏବଂ ସମ୍ମାନୀତ ଅତିଥି ଭାବେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ୍, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଏସ୍.ପି. ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଯୋଗଦେଇଥିଲେ। ତାରକା ଉଦ୍‌ଘୋଷିକା ଗୁନ୍‌ଗୁନ୍ ଏବଂ



ଉଦ୍‌ଘୋଷକ ପୁପିନ୍ଦରଙ୍କ ଆକର୍ଷଣୀୟ ଉଦ୍‌ଘୋଷଣା କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହିଥିଲା। କଣ୍ଠଶିଳ୍ପୀ ଏବଂ ସଂଗୀତ ନିର୍ଦ୍ଦେଶକ ସିଦ୍ଧାର୍ଥଙ୍କ କଣ୍ଠରେ ପ୍ରସ୍ତୁତ ଭଦ୍ରାୟଣୀ ମହୋତ୍ସବର ଶୀର୍ଷକ ସଂଗୀତର ଉଦ୍‌ଘାଟନ କରାଯାଇଥିଲା। ପ୍ଲେ ବ୍ୟାକ୍ ଓଲିଉଡ୍ ସିଙ୍ଗର ସତ୍ୟଜିତ୍ ପ୍ରଧାନ ଏବଂ ସୋନମ୍‌ଙ୍କ ମେଲୋଡ଼ି ସାଙ୍ଗକୁ ପ୍ରାରମ୍ଭରେ ଶାଶ୍ୱତ ଯୋଷୀଙ୍କ ଓଡ଼ିଶୀ ନୃତ୍ୟ ମହୋତ୍ସବର ପ୍ରଥମ ରାତ୍ରିକୁ ଦର୍ଶକ ମାନଙ୍କ ପାଇଁ ଧମାଲ୍ କରିଥିଲା। ଓଲିଉଡ୍ ସେଲିବ୍ରିଟି ସୁଭାଶିଷ ଦିବ୍ୟାଙ୍କ ଆକର୍ଷଣୀୟ କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅମିତ୍ ଡ୍ୟାନସ୍ ଗ୍ରୁପର ଧମାକା ମଧ୍ୟ କିଛି କମ୍ ନଥିଲା। ଏହି ମହୋତ୍ସବରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ୨୦ଟି ଷ୍ଟଲ୍ ଏବଂ ପଲ୍ଲିଶ୍ରୀ ମେଳାରେ ମିଶନ ଶକ୍ତି ଓରମାସ୍ ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଉତ୍ପାଦ ପାଇଁ ୧୨୦ଟି ଷ୍ଟଲ୍ ପ୍ରଦର୍ଶନ କରାଯାଇଛି। ଅନ୍ୟ ସମସ୍ତ ବିଭାଗ ଓ ଅନ୍ୟ ଷ୍ଟଲ୍ ମିଶି ଏହି ମହୋତ୍ସବରେ ସମୁଦାୟ ୨୨୦ଟି ଷ୍ଟଲ୍ ବ୍ୟବସ୍ଥା କରାଯାଇଛି।

# ୧୧୨ ମିନିଟ୍‌ରେ ୪୨ କି.ମି. ଦୌଡ଼ିଲେ ଡ଼ାକ୍ତର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ନିକଟସ୍ଥ ଭୂତସରସିଂ ଗ୍ରାମର ଡ଼ାକ୍ତର ମନୋରଞ୍ଜନ ନାୟକ ଏକ ବିରଳ ସଫଳତା ହାସଲ କରିଛନ୍ତି । ଟାଟା ମୁମ୍ବାଇ ମାରାଥନ୍‌ରେ ଭାଗ ନେଇ ୧୧୨ ମିନିଟ୍‌ରେ ୪୨ କିଲୋମିଟର ଦୌଡ଼ିଛନ୍ତି । ସେ ପୂର୍ବରୁ ମଧ୍ୟ ଏହି ମାରାଥନ୍‌ରେ ଭାଗ ନେଉଛନ୍ତି । ଏପରିକି ଲଗାତାର ଭାବେ ୧୨ ଥର ଭାଗ ନେଲେଣି । ସେ ବର୍ତ୍ତମାନ ହାଇଦ୍ରାବାଦ ସ୍ଥିତ ଏକ କର୍କଟ ଚିକିତ୍ସା କେନ୍ଦ୍ରରେ ସର୍ଜିକାଲ୍ ଅନ୍‌କୋଲୋଜିଷ୍ଟ୍ ଭାବେ କାର୍ଯ୍ୟ କରୁଛନ୍ତି । ଗତ ୨୧ ତାରିଖରେ ମୁମ୍ବାଇ ଠାରେ ଆୟୋଜିତ ଟାଟା ମୁମ୍ବାଇ ମାରାଥନ୍‌ରେ ଅଂଶଗ୍ରହଣ କରିଥିଲେ । ଜଣେ ଓଡ଼ିଆ ଭାବେ ଏହି ମାରାଥନ୍‌ରେ ଭାଗ ନେଇ ଗର୍ବ ଅନୁଭବ କରିଥିବା ସେ କହିଛନ୍ତି । ତାଙ୍କର ଏହି ସଫଳତା ପରେ କ୍ରୀଡ଼ା ପ୍ରେମୀଙ୍କ ଶୁଭେଚ୍ଛା ପ୍ରଦାନ କରାଯାଇଛି ।

# ନିଃସହାୟଙ୍କୁ ଶୀତବସ୍ତ୍ର ଓ ଶାଢ଼ି ବଣ୍ଟନ



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ନିଃସହାୟ ବ୍ୟକ୍ତିମାନଙ୍କୁ ଶୀତବସ୍ତ୍ର ଓ ଶାଢ଼ି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମବଙ୍ଗ ବେଲୁରୀ ମଠ ଦ୍ୱାରା ରାମକୃଷ୍ଣ ମଠ ପୁରୀ ସାହାଯତାରେ ସ୍ଥାନୀୟ ଶିକ୍ଷାନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠାନର ସମ୍ପାଦକ ତଥା ଶ୍ରୀରାମକୃଷ୍ଣ ଭକ୍ତ ବଟକୃଷ୍ଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନ ଆୟୋଜିତ ଏହି ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିପ୍ର ଚରଣ ତ୍ରିପାଠୀ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଓଡ଼ିଶା ସମ୍ବାଦିକ ସଂଘ ରାଜ୍ୟ ମହିଳା ସବ୍ କମିଟି ଆବାହିକା ସୁଶ୍ରୀ ବିଜୟଲକ୍ଷ୍ମୀ ମହାଙ୍କୁଡ଼, ମୁଖ୍ୟବକ୍ତା ଭାବେ ଓଜେୟୁ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ଅଧାମିକ ବ୍ୟକ୍ତିତ୍ୱ ସୁରେନ୍ଦ୍ର ନାଥ ପଟ୍ଟନାୟକ, ସାମ୍ବାଦିକ ନୀଳାଞ୍ଚଳ ସେନାପତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କ ଶୁଖ ସମୃଦ୍ଧି କାମନା କରିବା ସହ ଶୀତବସ୍ତ୍ର ଓ ଶାଢ଼ି ବଣ୍ଟନ କରିଥିଲେ । ବିଭିନ୍ନ ପଞ୍ଚାୟତରୁ ଆସିଥିବା ଗରିବ ଶ୍ରେଣୀର ବରିଷ୍ଠ ନାଗରିକ ମାନଙ୍କୁ ୫୦ ଗୋଟି କମ୍ବଳ ଓ ୧୫ ଗୋଟି ଶାଢ଼ି ବଣ୍ଟନ କରାଯାଇଥିଲା । ଉପ ପ୍ରଧାନ ଆଚାର୍ଯ୍ୟା ଅପରାଜିତା ରଥ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ରବିନ୍ଦ୍ର କୁମାର ସ୍ୱାଇଁ, ସଞ୍ଜୟ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ କରିଥିଲେ ।

# ବ୍ରହ୍ମପୁର ସହରର ରାସ୍ତା ମଝିରେ ଗର୍ତ୍ତ:ମୃତ୍ୟୁକୁ କରୁଛି ଆମନ୍ତ୍ରଣ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହରର ବିକାଶକୁ ନେଇ ସୁନେଲି ଚିତ୍ର ଦେଖାଯାଉଛି । ନୂଆ ଯୋଜନା ହାତକୁ ନିଆଯାଉଛି । ଗତ କିଛିଦିନ ଧରି ସହରର ପ୍ରମୁଖ ରାସ୍ତାରେ ଏକ ଦୁଇ ଫୁଟିଆ ଗାତ ହୋଇଥିବା ବେଳେ କାହାରି ନଜର ଏଥିପ୍ରତି ପଡୁନଥିବାରୁ ସହରବାସୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଏହି ଗାତଟି ସ୍ଥାନୀୟ ମେଡ଼ିକାଲ୍ ଠାରୁ କୋର୍ଟପେଟା ଆସୁଥିବା ମୁଖ୍ୟରାସ୍ତାରେ ସୃଷ୍ଟି ହୋଇଛି । ଏହି ଗର୍ତ୍ତରୁ ପାଣି ଝରି ରାସ୍ତାରେ ସୁଅ ଛୁଟିଥିବା ବେଳେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ । ସହର ମଧ୍ୟରେ ଯାଇଥିବା ଜାତୀୟ ରାଜପଥରେ ଏଭଳି ଅବସ୍ଥା ହୋଇଥିବା ବେଳେ ପ୍ରତିଦିନ ଏଠାରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି । ଏହି ରାସ୍ତାରେ ଶହ ଶହ ସଂଖ୍ୟାରେ ଯାନବାହନ ଯାତାୟାତ କରୁଥିବା ବେଳେ ଅସାବଧାନତା ହେବା ମାତ୍ରକେ ଦୁର୍ଘଟଣାର ସମ୍ମୁଖୀନ ହେବାର ସମ୍ଭାବନା ସୃଷ୍ଟି ହେଉଛି । ଏହି ଗର୍ତ୍ତର ମରାମତି ଦୂରର କଥା ସତର୍କତା ପାଇଁ ସୂଚନାଫଳକଟିଏ ଲଗାଯାଇନାହିଁ । ଦ୍ରୁତଗତିରେ ଆସୁଥିବା ଗାଡ଼ି ଚାଳକ ଅସାବଧାନତା ହେବାମାତ୍ରେ ଗାଡ଼ିରେ ପଡ଼ି ଆହତ ହେଉଥିବା ରାସ୍ତା ପାର୍ଶ୍ୱରେ କିଛି ବ୍ୟବସାୟୀଙ୍କ ମତ । ସୂଚନାପ୍ରକାରେ ଜଣେ ମହିଳା ଏହି ଗାତରେ ପଡ଼ି ଆହତ ହେବାପରେ ସମ୍ପୃକ୍ତ ବ୍ୟବସାୟୀମାନେ ଉଦ୍ଧାର କରି ବଡ଼ ମେଡ଼ିକାଲ୍‌କୁ ପଠାଇଥିବା କହିଛନ୍ତି । ରାତିରେ ଗାତଟି ଦେଖାଯାଉନଥିବାରୁ ଅନ୍ୟସ୍ଥାନରୁ ଏକ ଟ୍ରାଫିକ୍ ହଡଲ୍ସ ଆଣି ସେଠାରେ ରଖିଥିବା ଉକ୍ତ ବ୍ୟବସାୟୀମନେ କହିଛନ୍ତି । ଫଳରେ ସେହି ରାସ୍ତାରେ ଯାତାୟାତ କରୁଥିବା ପଥଚାରୀ ଅବଗତ ହୋଇ ରାସ୍ତାକାଟି ଯାତାୟାତ କରିଥାନ୍ତି । କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ମରାମତି ପାଇଁ ଦାବି ହୋଇଛି ।

# ମହୀୟସୀ ମହିଳାଙ୍କ ଏକାଦଶାହରେ ସ୍ମୃତିସଭା

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଘଷିପୁରା ବ୍ଲକ ଗଡ ବାନ୍ଧ ଗୋଡ଼ ଗ୍ରାମ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ତଥା ସ୍ୱର୍ଗତ ପ୍ରାକ୍ତନ ରାଜସ୍ୱ ଅଧିକାରୀ ମାୟାଧର ଚକ୍ରଙ୍କ ଧର୍ମପତ୍ନୀ ମହିୟସୀ ସୁଲୋଚନା ଚକ୍ରଙ୍କ ଏକାଦଶ କ୍ରିୟା ଉପଲକ୍ଷେ ତାଙ୍କର ଅମର ଆତ୍ମା ଶାନ୍ତି ନିମନ୍ତେ ଏକ ମିନିଟ୍‌ର ନୀରବ ପ୍ରାର୍ଥନା ପରେ ଜାତିର ଗୀତକୁ ଗାନ କରି ବନ୍ଦେ ମାତରମ୍ ଧ୍ୱନିରେ ଆଇନଜୀବୀ ବିଚିତ୍ର ଚକ୍ରଙ୍କର ସଂଯୋଜନା ଆଉ ସଭାପତିତ୍ୱରେ ବି ସ୍ୱର୍ଗତଙ୍କ ବାସଭବନ ଠାରେ ସନ୍ଧ୍ୟାର ଶୁଭ ମୁହୂର୍ତ୍ତରେ ଏକ ସ୍ମୃତି ଚାରଣ ଶୋକ ସଭା ଅନୁଷ୍ଠିତ ହୋଯାଇଛି । ଗଡ ବାନ୍ଧ ଗୋଡ଼ର ପୂର୍ବତନ ନାଏବ ସରପଞ୍ଚ ସୁଲୋଚନାଙ୍କ ପାଇଁ ଏକାଦଶ ସ୍ମୃତି ଚାରଣ ଓ ଶୋକସଭା କାର୍ଯ୍ୟକ୍ରମରେ ମୁଖ୍ୟ ବ୍ରହ୍ମା ଶ୍ରୀ ଅମରେଶ ମିଶ୍ରଙ୍କ ଉପସ୍ଥିତିରେ ଏଇଥିରେ ମୁଖ୍ୟଅତିଥି ଯାଜପୁର ଜିଲ୍ଲାର ବରିଷ୍ଠ ନାଗରିକ ତଥା ଶିକ୍ଷାବିତ ଚିତ୍ତରଞ୍ଜନ ସାମନ୍ତ ଯୋଗଦେଇ ସ୍ୱର୍ଗତ ସୁଲୋଚନାଙ୍କ ଫୋଟୋ ଚିତ୍ରରେ ପୁଷ୍ପ ଅର୍ଘ୍ୟ ସହ ଧୂପ ଦୀପ ପ୍ରଜ୍ୱଳନ ସହ ମାଲ୍ୟାର୍ପଣ କରି ଗୁଣ ଗାନ କରିଥିବା ବେଳେ ଏ ସ୍ମୃତି ସଭାଟିରେ ସମ୍ମାନିତ ଅତିଥି ବି କ୍ରୀଡାବିତ ପ୍ରମୋଦ କୁମାର ଦେଓ ପ୍ରାକ୍ତନ ଅଧ୍ୟକ୍ଷ ରବି ନାରାୟଣ ପାତ୍ର ସଂଗ୍ରାମ କେଶରୀ ବଳ ସାମନ୍ତ ଅଧାପକ ଦେବାନନ୍ଦ ଚକ୍ର ଶିକ୍ଷାବିତ ନରହରି ଜେନା ଗୋକୁଳ ସାମଲ ଓ ସ୍ମୃତିବାଳ ଚକ୍ର ଜୟନ୍ତୀ ଚକ୍ର ଉଦ୍ୟୋଗୀ ବିରଞ୍ଚି ସାମନ୍ତ ପୂର୍ବତନ ଯବାନ କର୍ତ୍ତିକେଶ୍ୱର ଚକ୍ର ଗୌର ଭକ୍ତ ଦିଲ୍ଲିପ ଚକ୍ର ସ୍ୱୟଂ ସେବକ ସମରେନ୍ଦ୍ର ଚକ୍ର ପ୍ରଶାନ୍ତ ଚକ୍ର ପ୍ରମୁଖ ଉପସ୍ଥିତ ରହି ମହିୟସୀ ସୁଲୋଚନାଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ସ୍ମୃତି ଚାରଣ କରିଥିବା ବେଳେ ଏହି କାର୍ଯ୍ୟକ୍ରମର ଅନ୍ୟ ସମୟରେ ଅନ୍ୟ ଭିତରେ ସ୍ଥାନୀୟ ବିଧାୟକ ବଦ୍ରିନାରାୟଣ ପାତ୍ର ରାଜ୍ୟ ସରକାରଙ୍କ ବରିଷ୍ଠ ଓଏସ ଅଧିକାରୀ ସମିତ ରାଉତ କେନ୍ଦ୍ରୀୟ ସ୍ୱୟଂ ସେବକ ବିଶ୍ୱାମିତ୍ର ମହନ୍ତ ରାଷ୍ଟ୍ରୀୟ ସ୍ୱୟଂ ସେବକ ନେତା କମଳା କାନ୍ତ ଶୁର ବିଶ୍ୱ ହିନ୍ଦୁ ପରିଷଦ ସ୍ଥାନୀୟ ନେତା ହଳଧର ସାହୁ ଜିଲ୍ଲା ନେତା ଅଧାପକ ସନତ କର ବୁଦ୍ଧିଜୀବୀ ସେଲ୍ ସଂଘ ନେତା ଶମ୍ଭୁନାଥ ରାଉତ ଛାତ୍ର ନେତା ଯଜ୍ଞ ପ୍ରସାଦ ସାହୁ ପୂର୍ବତନ ଅଧ୍ୟକ୍ଷ ଏବିଭିପି ନେତା ଭାଗିରଥି ପୃଷ୍ଟି ଆଉ ମୂର୍ତ୍ତି କାରିଗର ଗାୟତ୍ରୀ ଦୀକ୍ଷିତ ପ୍ରମୋଦ ବରାଳ ଶିକ୍ଷାବିତ ବିଷ୍ଣୁ ସାମଲ ପ୍ରମୁଖ ଯୋଗଦାନରେ ଏଇ ଅମର ଆତ୍ମାଙ୍କ ପାଇଁ ଶ୍ରଦ୍ଧା ସୁମନ ଅର୍ପଣ କରିଥିବା ବେଳେ ଉକ୍ତ ସବୁ କାର୍ଯ୍ୟକ୍ରମକୁ ପରିଚାଳନାରେ ସ୍ୱର୍ଗତଙ୍କ ସାନ ପୁଅ ସ୍ୱୟଂସେବକ ପ୍ରଶାନ୍ତ ଚକ୍ରଙ୍କ ସମେତ ଉଦ୍ୟୋଗୀ ରୀପନ ଚକ, ସୁବ୍ରତ ଚକ୍ର, ପ୍ରିୟଦର୍ଶୀ ଚକ୍ର, ସୌମ୍ୟ ଚକ୍ର, ଦିବ୍ୟାଦର୍ଶୀ ଚକ୍ର, ଶୋଭିତ ରାଉତ, ଅନିଲ ଚକ୍ର, ସୁନିଲ ଚକ୍ର, ଦୀପ୍ତି ସାମଲ, ସୌମ୍ୟା ପ୍ରିୟଦର୍ଶିନୀ ସାମନ୍ତ, ମଞ୍ଜୁଲତା ଚକ୍ର, ବସୁମତୀ ବିଶ୍ୱାଳ, ସ୍ୱାଧୀନତା ସଂଗ୍ରାମୀ ସନାତନ ଚକ୍ର ପ୍ରମୁଖ ସହଯୋଗ କରିଥିବା ବେଳେ ଏହି ସବୁ କାର୍ଯ୍ୟକ୍ରମ ଆଧାରରେ ସର୍ଦ୍ଦାର ତଥା ସ୍ୱର୍ଗତ ସୁଲୋଚନା ଚକ୍ରଙ୍କର ବଡ଼ ପୁଅ ସମାଜସେବୀ ପ୍ରଦୀପ୍ତ ଚକ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କବିତା ପାଠୋତ୍ସବ ଓ ପ୍ରତିଭା ପୂଜନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ରୁମ୍‌କୁଝୁମାନାର ମିଳିତ ସହଯୋଗରେ ସୁବର୍ଣ୍ଣପୁର ଜିଲ୍ଲା ସେଲେଡି କଲ୍ୟାଣ ମଣ୍ଡପ ଠାରେ ରାଜ୍ୟ ତଥା ଜିଲ୍ଲାର ସୁନାମଧନ୍ୟ କଣ୍ଠ ଶିଳ୍ପୀ ଶାଶ୍ୱତ ତ୍ରିପାଠୀଙ୍କ ସଭାପତିତ୍ୱରେ ଆମର ସଂସ୍କୃତି ଆମର ଟେକର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ କବିତା ପାଠ ଏବଂ ପ୍ରତିଭା ପୂଜନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ସ୍ୱତନ୍ତ୍ର ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବରେ ସଂସ୍କୃତି ଗବେଷକ ଡକ୍ଟର ଅନିରୁଦ୍ଧ କୁରୁକୁରିଆ ଆମ ସଂସ୍କୃତି ଓ ପରମ୍ପରାରେ ଭାଷା ଓ ସାହିତ୍ୟର ତାତ୍ତ୍ୱିକ ଭୂମିକା ଓ ସାହିତ୍ୟିକ ମାନଙ୍କର ଜୀବନାଦର୍ଶୀ ସମ୍ପର୍କରେ ଆଲୋଚନା କରିଥିଲେ । ସାହିତ୍ୟ, ସମାଜସେବା, ସାଂସ୍କୃତିକ ବିକାଶ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ କବି ଆରୁଣୀ ତ୍ରିପାଠୀ, ସମାଜସେବୀ କ୍ଷୀର ସାଗର ବିଭାର, କବୟିତ୍ରୀ ମୀରାବାଈ ପାଣିଗ୍ରାହୀ, କବି ଅଖୋଜ କୁମାର ଷଣ୍ଢ, କବି ବଟକୃଷ୍ଣ ସାହୁ, କବି ଗାଜିନ୍ଦ୍ର ସେଠ, ମିନାକ୍ଷୀ ପାଣିଗ୍ରାହୀ, ପ୍ରହଲ୍ଲାଦ ଦଣ୍ଡସେନା, ନରସିଂହ ମହାରଣା, ଦିଲ୍ଲିପ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କବି ପାର୍ବତୀ ପାଣ୍ଡିଆ, ମାନଗୋବିନ୍ଦ ମେହେର, ଅନିଲ କୁମାର ମିଶ୍ର, ବୈଜୟନ୍ତୀ ସାହୁ, ମୀନା ପଣ୍ଡା, ରଙ୍କମଣୀ ପଧାନ, ସ୍ୱପ୍ନେଶ୍ୱର ମିଶ୍ର, ନିରୁପମା ଦେହୁରୀ, ଯଦୁମଣି କର୍ଣ୍ଣ, ଉମାବଲ୍ଲଭ ଷଡ଼ଙ୍ଗୀ, ଯଶୋବନ୍ତ ନାଏକ, ମନୋଜ ବାଘ, ତାପସ ପାଇକ, ବିକ୍ରମ ସାହୁ, କିନୁ ଜଗଦଲା, ସରୋଜ କୁମାର ସାହୁ, କବିତା ପାଠ କରିଥିଲେ । ଲମ୍ବୋଦର ତ୍ରିପାଠୀ, ସତ୍ୟନାରାୟଣ ତ୍ରିପାଠୀ, ମିନାକ୍ଷୀ ପଣ୍ଡା ସମ୍ମାନୀତ ଅତିଥି ଭାବରେ ମଞ୍ଚାସୀନ ଥିଲେ । ସନ୍ତୋଷ ସଲମା, ଲବ ଦୀପ, କୁଶ ଦୀପ, ପୂର୍ଣ୍ଣଚନ୍ଦ୍ର କ୍ଷେତି, ବେଦବର ପାତ୍ର, ଭାଗିରଥି ମିଶ୍ର, ଗୌତମ ମିଶ୍ର, ଗଜାନନ ସାଥୁଆ, ସୁବଲ କୁମାର ସାହୁ ସହଯୋଗ କରିଥିଲେ । ଶିକ୍ଷକ ଓ କବି ହିମାଂଶୁ ଭୂଷଣ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ କବି ରଞ୍ଜନ ସା ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ ଗୀତାଞ୍ଜଳି ମିଶ୍ର ।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓଡ଼ିଶା ସାହିତ୍ୟ କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ବାଲିଆ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷା ପଦ୍ମାଳୟା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ରମେଶ ଚନ୍ଦ୍ର ପତି ମୁଖ୍ୟ ଅତିଥି, ସାହିତ୍ୟିକ ବିଶ୍ୱ ରଞ୍ଜନ ମହାନ୍ତି, ଶିକ୍ଷାବିତ୍ ଉମେଶ ଚନ୍ଦ୍ର ପତି ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତା ଭାବେ କେନ୍ଦ୍ରାପଡା ସାହିତ୍ୟ ସଂସଦର ସଂପାଦକ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସୁଧାଂଶୁ ଦାସ ଯୋଗ ଦେଇଥିଲେ । ନୋଡାଲ ଅଫିସର ଅପର୍ଣ୍ଣା ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜିତ କରିଥିଲେ । ଅଧ୍ୟାପକ ଦିପକ କୁମାର ମିଶ୍ର, ଅଧ୍ୟାପିକା ରାଜଶ୍ରୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସହଯୋଗ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିପକ କୁମାର ମିଶ୍ର, ହରପ୍ରିୟା ବଳ, ମିନାକ୍ଷୀ କୁମାରୀ ଲେଙ୍କା, ରାଜସ୍ୱୟା ମିଶ୍ର, ନିହାରିକା ତ୍ରିପାଠି ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଅଧ୍ୟାପକ ସୁବାସ ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁନି ଝିଅ ସାବିତ୍ରୀର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜନ୍ମ ହେଉ ହେଉ ଯନ୍ତ୍ରଣା ଭୋଗୁଛି କୁନି ଝିଅ ସାବିତ୍ରୀ। ପରିବାର ଲୋକ ଉପାୟଶୂନ୍ୟ ଚିକିତ୍ସା ପାଇଁ ପାଖରେ ଟଙ୍କା ନାହିଁ । ଏଭଳି ଏକ କରୁଣ ଚିତ୍ର ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କୋଟସମଲାଇ ଗାଁର ମାହାରପଡାରେ । ଯନ୍ତ୍ରଣା ଭୋଗୁଛି କୁନି ଝିଅ ସାବିତ୍ରୀ । ଝିଅର ଏଭଳି ଅବସ୍ଥାରେ ଭାଙ୍ଗି ପଡିଲେଣି ପରିବାର ଲୋକେ । ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କୋଟସମଲାଇ ଗାଁର ମାହାରପଡାର ଶିବରଣାଙ୍କ ଚତୁର୍ଥ ଝିଅ ସାବିତ୍ରୀ । ବୟସ ମାତ୍ର ୧୧ ବର୍ଷ । ତାକୁ ୧୧ବର୍ଷରେ ଏପ୍ଲାଷ୍ଟିକ ଏମୋନିଆ ଭଳି ରୋଗ ଗ୍ରାସିଛି । ଯାହାଫଳରେ ଝିଅର ରୋଗ ଭଲ କରିବାକୁ ଚିନ୍ତାରେ ପରିବାର ଲୋକେ । ସାବିତ୍ରୀ ପ୍ରଥମେ ପରିବାର



ଲୋକ ସୋନପୁର ଡାକ୍ତରଖାନା ପରେ ବୁର୍ଲା ନେଇଥିଲେ । କିନ୍ତୁ ଅବସ୍ଥା ଗୁରୁତର ହେବାରୁ ତାକୁ କଟକ ଓ ଭୁବନେଶ୍ୱର ଏମ୍ସକୁ ନିଆଯାଇଥିଲେ ସୁଦ୍ଧା କିଛି ସୁଫଳ ମିଳିନାହିଁ । ଯାହାଫଳରେ ହତାଶ ହୋଇ ଘରେ ରହି ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି ପରିବାର ଲୋକେ । ପରିବାର ଲୋକେ ଚିନ୍ତାରେ ଭଗବାନଙ୍କୁ ଭରସା କରି ପଡିରହିଛନ୍ତି । ପାଖରେ ଥିବା ଗହଣା ଗାଣ୍ଠି ବିକ୍ରି କରି ଲୋକଙ୍କ ଠାରୁ ଧାରକରଜ କରି ଡାକ୍ତରଖାନାକୁ ନେଇଥିଲେ । ଏହି ପରିବାର ଅତି ଗରିବ ଶ୍ରେଣୀର । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଏହି ପରିବାର ବହୁକଷ୍ଟରେ ଜୀବନ ଯାପନ କରୁଛନ୍ତି । ସାବିତ୍ରୀର ଚିକିତ୍ସା ପାଇଁ ତାଙ୍କ ମାଆ ସହାୟତା କରିବାକୁ ସରକାରଙ୍କ ସହିତ ସହୃଦୟ ବ୍ୟକ୍ତିଙ୍କୁ ଆକୁଳ ନିବେଦନ କରିଛନ୍ତି । ଏହା ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ନିଜ ଜିଲ୍ଲାର ହୋଇଥିବା ହେତୁ ସେ ଏଥିପାଇଁ କିଛି ବ୍ୟବସ୍ଥା କରିବାପାଇଁ ତଥା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ପ୍ରଦାନ ପାଇଁ ଜିଲ୍ଲାର ସଚେତନ ବର୍ଗ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ମଧ୍ୟାହ୍ନ ଭୋଜନ ପାଚିକା ସଂଘ ପକ୍ଷରୁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ପକ୍ଷରୁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୨ ଦଫା ଦାବିପତ୍ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି । ସଂଘର ସଭାପତି ସୁହାନା ବେଗମଙ୍କ ନେତୃତ୍ୱରେ ଆୟୋଜିତ ଏହି ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ, ସୀତାକାନ୍ତ ନାୟକ, ଯାନକୀ ମହାରଣା, ପ୍ରତିମା ରଥ, ମାଳତୀ ବେହେରା, ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି ମାସିକ ଦରମା ୧୪୦୦ରୁ ବୃଦ୍ଧି କରାଯିବା, ପିଲାମାନଙ୍କର ସ୍ୱାସ୍ଥ୍ୟ ଉପସ୍ଥାପନା ବୃଦ୍ଧି ପାଇଁ ମଧ୍ୟାହ୍ନ ଭୋଜନର ମୂଲ୍ୟ ୫.୯୦ ପଇସା ଓ ୮.୮୨ ପଇସାକୁ ବୃଦ୍ଧି କରି ୨୫ ଟଙ୍କା କରାଯିବା, ସ୍କୁଲ ମିଶ୍ରଣ ଓ ପିଲା କମିବା ପରେ ଯେଉଁ ପାଚିକାମାନେ ବାଦ୍ ପଡିଛନ୍ତି ସେମାନଙ୍କୁ ତୁରନ୍ତ ନିଯୁକ୍ତି ଦିଆଯିବା, ବର୍ଷକର ୧୨ ମାସ ଦରମା ପ୍ରଦାନ କରାଯିବା, ବର୍ଷକୁ ୨ ଖଣ୍ଡ ଶାଢ଼ି ଦିଆଯିବା, ପାଚିକା ମାନଙ୍କର ବୀମା କରାଯିବା ଆଦି ଦାବି ଗୁଡିକ ରହିଛି । ଏହି ଦାବି ଗୁଡିକ ପୁରଣ ନହେଲେ ପାଚିକା ସଂଘ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଘ ପକ୍ଷରୁ ଜଣାଇ ଦିଆଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଜ୍ୟୋସ୍ନାନାଥ ଶର୍ମା, ଅଞ୍ଜଳୀ ସାହୁ, ମିନତୀ ରାଉତ, ନିର୍ମଳା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁଇ ପାଖରେ ଦୁଇଟି ସେତୁ, ମଝିରେ ଭରସା ଦେଶୀଡଙ୍ଗା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ସହ ବୀରମହାରାଜପୁର ଅଞ୍ଚଳର ସାମାଜିକ, ସାଂସ୍କୃତିକ ଏବଂ ବାଣିଜ୍ୟିକ ସମ୍ପର୍କ ଅତ୍ୟନ୍ତ ପୁରୁଣା । ଉଭୟ ଅଞ୍ଚଳ ମହାନଦୀର ଠିକ୍ ଦୁଇ ପାଖରେ ଅବସ୍ଥିତ ଥିବାବେଳେ ସହସ୍ର ସହସ୍ର ବର୍ଷଧରି ଲୋକେ ଦେଶୀଡଙ୍ଗାରେ ଯାତାୟାତ ହୋଇ ସମ୍ପର୍କ ଓ ଭାବର ଆଦାନ ପ୍ରଦାନ ରଖିଆସିଛନ୍ତି । ଦିନଥିଲା ବୀରମହାରାଜପୁର ଓ ବୌଦ୍ଧ ଅଞ୍ଚଳ ମଧ୍ୟରେ ଯାତାୟାତ ପାଇଁ ମହାନଦୀର ବିଭିନ୍ନ ଫେରିଘାଟରେ ଥିବା ଏହି ଦେଶୀଡଙ୍ଗାଗୁଡିକ ହିଁ ଥିଲା ଏକମାତ୍ର ଭରସା । ଏଥିପାଇଁ ମହାନଦୀର ବାଉଁଶୁଣୀ-ଦେଉଳି, ତେଲିବନ୍ଧ-ସୁବଳୟା, ଖମ୍ବେଶ୍ୱରିପାଲି-ଦହ୍ୟା, ଧର୍ମଶାଳା-ସୋନପୁର ଓ ବୌଦ୍ଧ- କିଆକଟା ଆଦି ୫ଟି ଫେରିଘାଟ ଉପରେ ହିଁ ଉଭୟ ଅଞ୍ଚଳର ଲୋକେ ନିର୍ଭର କରୁଥିଲେ । ଏସବୁ ଫେରିଘାଟ ଅତ୍ୟନ୍ତ ପୁରୁଣା । ରାଜାରାଜୁଡା ଅମଳରୁ ଏହି ଫେରିଘାଟଗୁଡିକ ଖୁବ୍ ବ୍ୟବସ୍ଥିତ ଢଙ୍ଗରେ ପରିଚାଳିତ ହୋଇଆସୁଛି । ମହାନଦୀର ଏସବୁ ଫେରି ଘାଟରେ ଡଙ୍ଗାଯାତ୍ରାର ଅନୁଭୂତି ସମସ୍ତଙ୍କ ପାଇଁ ନିଆରା ଓ ଅଭୁଲା । ନଈପାର ହୋଇ ପ୍ରଥମକରି ସ୍ୱାମୀ ଘରକୁ ଯାଇଥିବା ନବବିବାହିତା ବଧୂ ଠାରୁ ଆରମ୍ଭ କରି ସମ୍ପର୍କୀୟଙ୍କ ଘରକୁ ଯାଉଥିବା ଲୋକଙ୍କ ପାଇଁ ଏକ ସ୍ମୃତିର ମୁହୂର୍ତ୍ତ । ତେବେ ଗମନାଗମନ ବ୍ୟବସ୍ଥାର



ଉନ୍ନତି ପାଇଁ ମହାନଦୀରେ ସୋନପୁର ଓ ବୌଦ୍ଧ ଦୁଇ ପାଖରେ ଦୁଇଟି କଂକ୍ରିଟ ସେତୁ ତିଆରି ହେବାପରେ ଏସବୁ ଫେରିଘାଟ ଓ ଦେଶୀଡଙ୍ଗାର ପରମ୍ପରା ସମ୍ପୂର୍ଣ୍ଣ ବିଲୁପ୍ତ ହେବାର ଆଶଙ୍କା ପ୍ରକାଶ ପାଇଥିଲା । ତେବେ ବିଭିନ୍ନ କାରଣରୁ ଉଭୟ ଅଞ୍ଚଳ ମଧ୍ୟରେ ଥିବା ୫ଟି ଫେରିଘାଟ ମଧ୍ୟରୁ ଏବେ ବି ୩ଟି ଫେରିଘାଟ ଆଗଭଳି ଲୋକଙ୍କ ପାଇଁ ଗମନାଗମନର ପ୍ରମୁଖ ମାଧ୍ୟମ ଥିବା ଜଣାଯାଇଛି । ଆଜିକୁ ୨୦ ବର୍ଷ ତଳେ ଏଠାରେ ମହାନଦୀରେ ଏକାଥରକେ ଆଗପଛ ହୋଇ ଦୁଇଟି ସେତୁର ବୌଦ୍ଧ-କିଆକଟା ଓ-ସୋନପୁର – ହିକୁଡ଼ି ମଧ୍ୟରେ ଦୁଇଟି କଂକ୍ରିଟ ସେତୁ ଉଦ୍‌ଘାଟିତ ହୋଇଥିଲା । ଏହାପରଠୁ ବୌଦ୍ଧ-ବୀର ମହାରାଜପୁର ମଧ୍ୟରେ ଦୁଇଟି ସିଧାସଳଖ ରାସ୍ତା ଯୋଗେ ଗମନାଗମନର ବାଟ ଫିଟିଲା । ଉକ୍ତ ଦୁଇଟି ସେତୁର ଉଦ୍‌ଘାଟନ ପରେ ଉଭୟ ସେତୁର ନିକଟବର୍ତ୍ତୀ ଥିବା ଧର୍ମଶାଳା-ସୋନପୁର ଓ କିଆକଟା- ବଉଦ ଫେରିଘାଟରେ ଦେଶୀଡଙ୍ଗାର ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଗଲା । ତେବେ ଏଠାକାର ରାମପୁର – ସୁବଳୟା, ଦହ୍ୟା ବାଉଁଶୁଣୀ- ଦେଉଳି ଓ ଦହ୍ୟା- ଖମ୍ବେଶ୍ୱରୀପାଲି ଠାରେ ଥିବା ଫେରିଘାଟଗୁଡିକରେ ବର୍ତ୍ତମାନ ମଧ୍ୟ ଦେଶୀଡଙ୍ଗାର ପ୍ରଚଳନ ଓ ଚାହିଦା ପୂର୍ବବତ ରହିପାରିଛି । କିଆକଟା ବଉଦ ଓ ହିକୁଡି- ସୋନପୁର ସେତୁଦେଇ ଉଭୟ ଅଞ୍ଚଳକୁ ଗତାଗତ ପାଇଁ ଅଧିକ ବାଟ ବୁଲିବାକୁ ପଡ଼ିବା ସହ ଅଧିକ ସମୟ ମଧ୍ୟ ଲାଗୁଥିବାରୁ ଏବେ ମଧ୍ୟ ମହାନଦୀ ଦୁଇପାଖରେ ଥିବା ଶତାଧିକ ଆଭ୍ୟନ୍ତରୀଣ ଗ୍ରାମର ଲୋକେ ଏହି ଫେରିଘାଟଗୁଡିକ ଦେଇ ଦେଶୀଡଙ୍ଗାରେ ଯାତାୟାତ ହେଉଛନ୍ତି । ବିଶେଷତଃ ଉଭୟ ପାର୍ଶ୍ୱରେ ଥିବା ବିଭିନ୍ନ ଗ୍ରାମର ଅଧିବାସୀଙ୍କ ଠାରୁ ଆରମ୍ଭ କରି ସାଇକେଲିଆ ଓ ବାଇକ ଯାତ୍ରୀ ତଥା ଛୋଟକାଟିଆ ବ୍ୟବସାୟୀମାନେ ମଧ୍ୟ ଏସବୁ ଫେରିଘାଟ ଉପରେ ହିଁ ନିର୍ଭର କରୁଛନ୍ତି । ଉଭୟ ଅଞ୍ଚଳରେ ଥିବା ବିଭିନ୍ନ ହାଟପାଳି ଦିନ ଏହି ଫେରି ଘାଟଗୁଡିକରେ ଅଧିକ ଭିଡ ଲାଗିବା ଲକ୍ଷ୍ୟ କରାଯାଇଛି। ଜହ୍ନା ପଙ୍କ ଅଞ୍ଚଳବାସୀଙ୍କୁ ବୌଦ୍ଧ କିଆକଟା ସେତୁ ଦେଇ ବୀରମହାରାଜପୁର ଯିବାକୁ ଅଧିକ ୩୫ କିମି ତଥା ସୋନପୁର ହିକୁଡି ସେତୁ ଦେଇ ବିଏମପୁର ଯିବାକୁ ଅଧିକ ୪୫ କିମି ବାଟ (ସୋନପୁରଯାଏ ୩୫ ଓ ସୋନପୁରରୁ ବିଏମପୁର ୨୮ କିମି) ଯିବାକୁ ପଡୁଥିବାବେଳେ ବହୁଲୋକ ଶୀଘ୍ର ଯାତାୟାତ ପାଇଁ ତେଲିବନ୍ଧ-ସୁବଳୟା ଫେରିଘାଟ ଉପରେ ନିର୍ଭର କରୁଛନ୍ତି । ଅନୁରୂପଭାବେ ଦୂରତା ଓ ସମୟକୁ ଦେଖି ବାଉଁଶୁଣି ତଥା ଆଖପାଖ ଅଞ୍ଚଳରୁ ମଧ୍ୟ ବହୁ ସଂଖ୍ୟାରେ ଲୋକେ ବିଏମପୁର ଅଞ୍ଚଳକୁ ଯିବାକୁ ବାଉଁଶୁଣି ଦେଉଳି ତଥା ଦହ୍ୟା ଅଞ୍ଚଳରୁ ଅନେକ ଲୋକ ମହାନଦୀର ଦହ୍ୟା ଖମ୍ବେଶ୍ୱରୀପାଲି ଫେରିଘାଟ ଉପରେ ନିର୍ଭର କରୁଛନ୍ତି । ଏସବୁ ଫେରିଘାଟ ସ୍ଥାନରେ ମଧ୍ୟ ସେତୁ ନିର୍ମାଣର ଆବଶ୍ୟକତା ଥିବା ଦାବି ହେଉଛି ।

## ମା' ଭଗବତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଜୟ ଜଗନ୍ନାଥ ଟିମ୍‌କୁ ହରାଇ ମହାବୀର ଟିମ୍ ବିଜୟୀ



**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ୍ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତସ୍ଥିତ ହାଇସ୍କୁଲ ପଡ଼ିଆରେ ମା' ଭଗବତୀ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ୩୫ ବର୍ଷରୁ ଉର୍ଦ୍ଧ୍ୱ ଯୁବକଙ୍କୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟକୁ ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ଦାଶ ଓ ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୪ଟି ଟିମ୍ ମଧ୍ୟରୁ ଫାଇନାଲ ମ୍ୟାଚ୍‌ରେ ଜୟ ଜଗନ୍ନାଥ ଟିମ୍‌କୁ ହରାଇ ମହାବୀର ଟିମ୍ ଚାମ୍ପିଅନ ହୋଇଛି। ପ୍ରଥମେ ଜୟ ଜଗନ୍ନାଥ ଟିମ୍ ବ୍ୟାଟି କରି ନିର୍ଦ୍ଧାରିତ ୧୨ ଓଭରରେ ୬ ୱିକେଟ ହରାଇ ୮୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଲକି ମିଶ୍ର ଓ ଜ୍ୟୋତିରଞ୍ଜନ ପୋଥାଳ ଉଭୟ ୨୧ ଲେଖାଏଁ ରନ କରିଥିଲେ। ଅପରପକ୍ଷର ବୋଲର ରମାକାନ୍ତ ଦାସ ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ମହାବୀର ଟିମ୍ ୮ ଓଭରରେ ୨ଟି ୱିକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିଅନ ହୋଇଛି। ଦଳ ପକ୍ଷରୁ ନରେଶ ଦାସ ସର୍ବାଧିକ ୪୮ ରନ କରିଥିଲେ। ବିପକ୍ଷ ଦଳର ଲକି ମିଶ୍ର ୧ ୱିକେଟ ଅକ୍ତିଆର କରିଥିଲେ। ତ୍ରିଲୋଚନ ବେହେରା ଓ ବୃନ୍ଦାବନ ମହାନ୍ତି ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବା ବେଳେ ଜଗବନ୍ଧୁ ସାହୁ ସ୍କୋରର ଏବଂ ଅଜିତ କୁମାର ରଣା ଓ ସରୋଜ ପାଣିଗ୍ରାହୀ ଧାରାବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷାବିତ୍ ବାବାଜୀ ଚରଣ ନାଥଙ୍କ ଅଧ୍ୟକ୍ଷତାରେ ଅତିଥି ପୂର୍ବତନ ସରପଞ୍ଚ ଶରତଚନ୍ଦ୍ର ମାଝୀ, ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ପତି, ଶିକ୍ଷାବିତ୍ ଗଦାଧର ସାହୁ ଯୋଗଦେଇ ଚାମ୍ପିଅନ ଟିମ୍‌କୁ ଟ୍ରଫି ଓ ରନସ ଅଫ ଟିମ୍‌କୁ କପ୍ ପ୍ରଦାନ କରିଥିଲେ। ଏଥିସହିତ ନରେଶ ଦାସଙ୍କୁ ମ୍ୟାନ ଅଫ ଦି ସିରିଜ୍ ଓ ଶ୍ରେଷ୍ଠ ବ୍ୟାଟ୍‌ସ ମ୍ୟାନ, ସନ୍ତୋଷ ଚନ୍ଦ ମ୍ୟାନ ଅଫ ଦି ମ୍ୟାଚ୍, ଶ୍ରେଷ୍ଠ ବୋଲର ବସୁଦେବ ପାଗଳ ଏବଂ ସଞ୍ଜୟ ମହାନ୍ତିଙ୍କୁ ଶ୍ରେଷ୍ଠ ଫିଲ୍‌ଡର ଭାବେ ପୁରସ୍କୃତ କରାଯାଇଛି। ଉକ୍ତ ଖେଳକୁ ସ୍ଥାନୀୟ ପଞ୍ଚାୟତର ଯୁବକମାନେ ପରିଚାଳନା କରିଥିଲେ।

# ପ୍ରଥମ ଟେଷ୍ଟ : ଭାରତକୁ ୨୮ ରନ୍‌ରେ ହରାଇଲା ଇଂଲଣ୍ଡ

**ହାଇଦ୍ରାବାଦ**

ସ୍ପିନ୍ ଜାଲରେ ଫଶିଲା ଭାରତ। ୧୯୦ ରନର ଅଗ୍ରଣୀ ହାସଲ କରି ବି ପ୍ରଥମ ଟେଷ୍ଟରେ ଲଜ୍ଜାଜନକ ପରାଜୟ ଭୋଗିଛି ରୋହିତ ବାହିନୀ। ଟମ୍ ହାର୍ଟଲୀଙ୍କ ଘାତକ ବୋଲିଂ ବଳରେ ସ୍ମରଣୀୟ ବିଜୟ ହାସଲ କରିଛି ଇଂଲଣ୍ଡ। ହାଇଦ୍ରାବାଦର ରାଜୀବ ଗାନ୍ଧୀ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଦଳ ଭାରତକୁ ୨୮ ରନରେ ପରାସ୍ତ କରିଛି। ଏଥିସହ ଇଂଲଣ୍ଡ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଇଂଲଣ୍ଡ ଦ୍ୱାରା ଧାର୍ଯ୍ୟ ୨୩୧ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୨୦୨ ରନରେ ଅଲଆଉଟ ହୋଇଛି। ଭାରତ ପକ୍ଷରୁ ଜଣେ ହେଲେ ବ୍ୟାଟର ଦ୍ୱିତୀୟ ଇନିଂସରେ ଅର୍ଦ୍ଧଶତକ ମଧ୍ୟ ହାସଲ କରିପାରିନାହାନ୍ତି। ଅଧିନାୟକ ରୋହିତ ଶର୍ମା ସର୍ବାଧିକ ୩୯ ରନ କରିଛନ୍ତି। ନିଜର ଟେଷ୍ଟ ଇତିହାସରେ ଭାରତ ଆଉ ଏକ ଶୋଚନୀୟ ପରାଜୟ ଭୋଗିଛି। ମ୍ୟାଚ୍‌ର ପ୍ରଥମ ତିନି ଦିନ ଭାରତ କବ୍‌ଜାରେ ଥିଲେ ହେଁ ଇଂଲଣ୍ଡ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ଭାରତକୁ ଧରାଶାୟୀ କରିଛି। ଟମ୍ ହାର୍ଟଲୀ ୭



ୱିକେଟ ନେଇ ଇଂଲଣ୍ଡକୁ ଐତିହାସିକ ବିଜୟ ଦେଇଛନ୍ତି। ଉଲ୍ଲେଖନୀୟ ଇଂଲଣ୍ଡ ପ୍ରଥମ ଇନିଂସରେ ୨୪୬ ରନ କରିଥିବା ବେଳେ ଭାରତ ୪୩୬ ରନ କରି ୧୯୦ ରନରେ ଆଗୁଆ ରହିଥିଲା। ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ଓଲି ପପ୍‌ଙ୍କ ୧୯୬ ରନ ବଳରେ ୪୨୦ ରନ କରିଥିଲା। ଆଉ ଭାରତ ସମ୍ମୁଖରେ ରହିଥିଲା ୨୩୧ ରନର ବିଜୟ ଲକ୍ଷ୍ୟ।

ଦ୍ୱିତୀୟ ଇନିଂସରେ ଭାରତର ଓପନର ରୋହିତ ଶର୍ମା ଓ ଯଶସ୍ୱୀ ଜୟସ୍ୱାଲ ୪୨ ରନ ଯୋଡ଼ିଥିଲେ। ଯଶସ୍ୱୀ ଜୟସ୍ୱାଲ(୧୫)ଙ୍କୁ ଆଉଟ କରି ଟମ ହାର୍ଟଲୀ ଇଂଲଣ୍ଡକୁ ବଡ଼ ସଫଳତା ଦେଇଥିଲେ। ଶୁଭମନ ଗିଲ୍(୦) ଟମ୍‌ଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅନ୍ୟପଟେ ଦ୍ରୁତ ବ୍ୟାଟିଂ କରୁଥିବା ରୋହିତ ଶର୍ମା ଆଉଟ୍ ହେବା ଭାରତୀୟ ଦଳକୁ ଜୋରଦାର ଝଟ୍‌କା ଲାଗିଥିଲା। ରୋହିତ ୩୯ ରନ କରି ପାଭିଲିୟନ ଫେରିଥିଲେ। କେଏଲ ରାହୁଲ ଓ ଅକ୍ଷର ପଟେଲ କିଛି ସମୟ କ୍ରିଜ୍‌ରେ ଜମିଥିଲେ ହେଁ ଇନିଂସକୁ ଆଗକୁ ବଢାଇ ପାରି ନ ଥିଲେ। ଅକ୍ଷର ପଟେଲ (୧୭) ଟମ୍ ହାର୍ଟଲୀଙ୍କ ଚତୁର୍ଥଙ୍କ ଶିକାର ହୋଇଥିଲେ। କେଏଲ ରାହୁଲ ୨୨ ରନ କରି ପାଭିଲିୟନ ଫେରିଥିଲେ। ୧୦୭ ରନରେ ଭାରତ ଅଧା ୱିକେଟ ହରାଇଥିଲା। ପ୍ରଥମ ଇନିଂସରେ ଦମ୍‌ଦାର ବ୍ୟାଟିଂ କରିଥିବା ଜାଡେଜା(୨) କ୍ରିଜରେ ତିଷ୍ଠି ପାରି ନ ଥିଲେ। ଶ୍ରେୟସ ଆୟର(୧୩) ମଧ୍ୟ ନିରାଶ କରିଥିଲେ।

୧୧୯ ରନରେ ୭ ୱିକେଟ ହରାଇ ପରାଜୟର ଦ୍ୱାର ଦେଶରେ ପହଞ୍ଚିଥିଲା ଭାରତ। ତେବେ ଶ୍ରୀକର ଭରତ ଓ ରବିଚନ୍ଦ୍ରନ ଅଶ୍ୱିନ ଧୈର୍ଯ୍ୟର ସହ କ୍ରିଜ୍‌ରେ ଜମି ଲଢୁଆ ବ୍ୟାଟିଂ କରିଥିଲେ। ଏହି ଯୋଡ଼ି ଥିବା ଯାଏଁ ଭାରତର ବିଜୟ ଆଶା ଉଜ୍ଜିବୀତ ରହିଥିଲା। ଭରତ ଓ ଅଶ୍ୱିନଙ୍କ ମଧ୍ୟରେ ଅଷ୍ଟମ ୱିକେଟ୍‌ରେ ୫୭ ରନ ଭାଗିଦାରୀ ହୋଇଥିଲା। ତେବେ ଶ୍ରୀକର ଭରତ ଆଉଟ ହେବା ଭାରତର ବିଜୟ ଆଶା ମଉଳି ଯାଇଥିଲା। ଭରତ(୨୮)ଙ୍କୁ ଆଉଟ କରି ଟମ୍ ହାର୍ଟଲୀ ନିଜର ପଦାର୍ପଣ ଟେଷ୍ଟରେ ପଞ୍ଚମ ୱିକେଟ ନେଇଛନ୍ତି। ଏହା ପରେ ରବିଚନ୍ଦ୍ରନ ଅଶ୍ୱିନ ୨୮ ରନ କରି ବଡ଼ ସଟ୍ ଖେଳିବା ପ୍ରୟାସରେ ପାଭିଲିୟନ ଫେରିଥିଲେ। ମହମ୍ମଦ ସିରାଜ(୧୨)ଙ୍କୁ ଆଉଟ କରି ଟମ୍ ଭାରତୀୟ ଇନିଂସର ଅନ୍ତ ଘଟାଇ ଇଂଲଣ୍ଡକୁ ଐତିହାସିକ ବିଜୟ ଦେଇଥିଲେ।

ଟମ୍ ହାର୍ଟଲୀଙ୍କ ଘାତକ ବୋଲିଂର ଜବାବ କୌଣସି ଭାରତୀୟ ବ୍ୟାଟରଙ୍କ ପାଖରେ ନ ଥିଲା। ହାର୍ଟଲୀ ପଦାର୍ପଣ ମ୍ୟାଚ୍‌ରେ ୨୬.୨ ଓଭରରେ ୬୨ ରନ ଦେଇ ୭ଟି ୱିକେଟ ନେଇ ବିଜୟର ମୁଖ୍ୟ ବିନ୍ଧାଣି ସାଜିଛନ୍ତି। ଜୋ ରୁଟ୍ ଓ ଜ୍ୟାକ୍ ଲିଚ୍ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

# ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ଉପରୁ ନିଲମ୍ବନ ହଟାଇଲା ଆଇସିସି

**ନୂଆଦିଲ୍ଲୀ**

ଶ୍ରୀଲଙ୍କା କ୍ରିକେଟରଙ୍କ ପାଇଁ ଖୁସି ଖବର। ଶ୍ରୀଲଙ୍କା କ୍ରିକେଟ୍‌ରୁ ନିଲମ୍ବନ ହଟାଇଲା ଆନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ଗତ ବର୍ଷ ନଭେମ୍ବରରେ ସରକାରୀ କାର୍ଯ୍ୟରେ ହସ୍ତକ୍ଷେପ ହେତୁ ଆଇସିସି ଶ୍ରୀଲଙ୍କା କ୍ରିକେଟକୁ ନିଲମ୍ବିତ କରିଥିଲା। ଏହି କାରଣରୁ ଶ୍ରୀଲଙ୍କାରେ ଆୟୋଜିତ ହେବାକୁ ଥିବା ଅଣ୍ଡର-୧୯ ବିଶ୍ୱକପକୁ ମଧ୍ୟ ଦକ୍ଷିଣ ଆଫ୍ରିକାକୁ ସ୍ଥାନାନ୍ତର କରିବାକୁ ପଡ଼ିଥିଲା। ନଭେମ୍ବରରେ ନିଲମ୍ବନ ବିରୋଧରେ ଶ୍ରୀଲଙ୍କା କ୍ରିକେଟ ଆବେଦନ କରିଥିଲା। ସେହି ମାସରେ ଆଇସିସି ସିଇଓ ଶ୍ରୀଲଙ୍କାର ରାଷ୍ଟ୍ରପତି ତଥା କ୍ରୀଡା ମନ୍ତ୍ରୀଙ୍କୁ ଭେଟିଥିଲେ, ପରେ ନିଲମ୍ବନ ହଟାଇବା ଆଶା ବଢ଼ିଥିଲା।

ଆଇସିସି ଏକ ବିବୃତ୍ତି ଜାରି କରି ଶ୍ରୀଲଙ୍କା କ୍ରିକେଟ୍ ଉପରେ ଥିବା ପ୍ରତିବନ୍ଧକକୁ ହଟାଇ ଦେଇଛି। ଆଇସିସିର ଜଣେ ସଦସ୍ୟ ଭାବରେ ଶ୍ରୀଲଙ୍କା କ୍ରିକେଟ ଏହାର ଦାୟିତ୍ୱକୁ ଗୁରୁତର ଉଲ୍ଲଂଘନ କରିଥିଲା, ବିଶେଷ ଭାବରେ ସ୍ୱୟଂଶାସିତ ଭାବରେ କାର୍ଯ୍ୟ କରିବା ଏବଂ ଶ୍ରୀଲଙ୍କା କ୍ରିକେଟ ଆଇସିସିର ସଦସ୍ୟ ଭାବରେ ନିଜର କର୍ତ୍ତବ୍ୟ ଉଲ୍ଲଂଘନ କରୁଛି ବୋଲି ବିଶ୍ୱସ୍ତରୀୟ ସଂସ୍ଥା କହିଥିଲେ। ତେଣୁ ନଭେମ୍ବରରେ ଶ୍ରୀଲଙ୍କା କ୍ରିକେଟକୁ ନିଲମ୍ବିତ କରାଯାଇଥିଲା। ବର୍ତ୍ତମାନ ଆମେ ଅନୁଭବ କରୁଛୁ ଯେ ସେ ତାଙ୍କର ଦାୟିତ୍ୱ ତୁଲାଉଛନ୍ତି, ତେଣୁ ନିଲମ୍ବନକୁ ହଟାଇ ଦିଆଯାଇଛି।

## ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# କେସିଏକୁ ହରାଇ ଏନ୍‌ଏମ୍‌ୱାଇସି ଫାଇନାଲରେ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**



ଧାମନଗର ବ୍ଲକ ଅଧୀନସ୍ଥ ଦୋବଲ ପଞ୍ଚାୟତ ସୋଧ ଧରମ ପଡ଼ିଆ ଠାରେ ମା' ସୁବର୍ଣ୍ଣମୁଖୀ କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଚାଲିଥିବା ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଧାମନଗରର କ୍ରାନ୍ତି କଲଚରାଲ ଏସୋସିଏସନ୍‌କୁ ହରାଇ କେନ୍ଦ୍ରାପଡ଼ାର ଏନ୍‌ଏମ୍‌ୱାଇସି ଫାଇନାଲକୁ ପ୍ରବେଶ କରିଛି। ଭାମଣ୍ଡା କେନ୍ଦ୍ରାପଡ଼ା ଏନ୍‌ଏମ୍‌ୱାଇସି ଟସ୍ ଜିତି ୧୬.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୫୨ ରନ କରିଥିଲା। ଦଳ ପକ୍ଷରୁ ଅମିତ୍ ରାଉତ ୧୨ ବଲ୍‌ରେ ୪୬ ରନ କରିଥିଲେ। ପ୍ରତିପକ୍ଷ ବୋଲର ଶ୍ରୀରାମ ଚୌଧୁରୀ ୪ ଓଭର ୪୬ ରନ ଦେଇ ୫ ଉଇକେଟ ନେଇଥିଲେ। ଜବାବରେ କ୍ରାନ୍ତି କଲଚରାଲ ଆସୋସିଏସନ୍ ୨୦ ଓଭରରେ ୯ ଉଇକେଟ ହରାଇ ୧୪୬ ରନ କରିଥିଲା। ଦଳ ପକ୍ଷରୁ ତାପସ ରାଉତ ୪୯ ରନ କରିଥିଲେ। ପ୍ରତିପକ୍ଷ ବୋଲର ଅମିତ୍ ରାଉତ ୪ ଓଭର ୨୦ ରନ ଦେଇ ୪ ଉଇକେଟ ନେଇଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ସାମ୍ବାଦିକ ପ୍ରଦୀପ ମହାପାତ୍ର ପୁରସ୍କୃତ କରିଥିଲେ। ଅମ୍ପାୟାର ବିବେକାନନ୍ଦ ସାମଲ ଓ ନରେନ୍ଦ୍ର ପଣ୍ଡା ଖେଳ ପରିଚାଳନା କରିଥିଲେ। ସ୍କୋରର ଥିଲେ ମାନ ରଞ୍ଜନ କୁଣ୍ଡୁ ଓ ଦେବଦତ୍ତ ସାହୁ। ଧାରାବିବରଣୀ ପ୍ରଦାନ କରିଥିଲେ ଭୋଳାନାଥ ସାହୁ ଓ ସମୀର ସାହୁ। ସୋମବାର ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ କେସିସି ଅକରପଡ଼ା ସହିତ ୟୁନିକ ଇଲେଭେନ ଯାଜପୁର ମଧ୍ୟରେ ଅନୁଷ୍ଠିତ ହେବ।

















କେନ୍ଦୁଝର ଜିଲ୍ଲା ଗସ୍ତ ଅବସରରେ '୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ' ଭି.କେ. ପାଣ୍ଡିଆନ୍ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ସାଧାରଣ ଜନତା ଓ ଛାତ୍ରଛାତ୍ରୀମାନଙ୍କୁ ଭେଟୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ : ସପ୍ନ ଓ ସଂକଳ୍ପ

**ଡକ୍ଟର ନୃସିଂହ ଷଡ଼ଙ୍ଗୀ**

୧୯୩୬ ମସିହା ଏପ୍ରିଲ ୧, ଏଇଦିନ ଓଡ଼ିଶାକୁ ମିଳିଥିଲା ଏକ ସ୍ୱତନ୍ତ୍ର ପରିଚିତ। ପରଣତିରେ ଓଡ଼ିଶା ଭାରତର 'ପ୍ରଥମ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ହେବାର ମାନ୍ୟ ଲଭିଥିଲା। ପଛରେ ପଡ଼ିରହିଲା ୧୮୬୮ ମସିହାର ଗୋଟିଏ ଐତିହାସିକ ବେଦନା, 'ଓଡ଼ିଆ ଏକ୍‌ଟି ସ୍ୱତନ୍ତ୍ର ଭାଷା ନୟ' ପରି ମର୍ମ ଦହନକାରୀ ଆଭିପ୍ରାୟିକ ଅଯୌକ୍ତିକ ଅଭିବ୍ୟକ୍ତି। ସେତେବେଳର ଭାଷା-ସାହିତ୍ୟର ତୁଙ୍ଗ ବାଳିତଙ୍କୁ ଏହା କେବଳ ବିଚଳିତ କରିନଥିଲା; ବରଂ କ୍ରିୟାନିଷ୍ଠ ପ୍ରତିକ୍ରିୟାରେ ଦେଶ ସ୍ନାତ କରାଇଥିଲା। ସଂକୀର୍ଣ୍ଣ ଭାଷା ବିଦୂଷୀଙ୍କ 'ଶାଳା ଇଂଲିଡ଼ର' - ପ୍ରକାର ତାଛଲ୍ୟକୁ ସାମ୍ନା କରି ଏକ ମନ୍ଦକାଳ ସହ ଯୁଝି ଥିଲେ ଓଡ଼ିଆ ଭାଷା ସାହିତ୍ୟର ସେନାପତି ବ୍ୟାସକବି ଫକୀରମୋହନ ସେନାପତି। ଏତେବେଳେ ତାଙ୍କୁ ନିଃସର୍ତ୍ତ ଓ ଯୌକ୍ତିକ ସହାୟତା ଦେଇଥିଲେ ସାର୍ ଜନ୍ ବିମ୍ସ ସାହେବ। ତାଙ୍କର ଓଡ଼ିଆ ଭାଷା ପ୍ରୀତି ଓ ଅଗାଧ ପାଣ୍ଡିତ୍ୟ ଥିଲା ଅବିକଳ୍ପ। ଫଳରେ ଓଡ଼ିଆ ଭାଷା ଉପରୁ ଲାଞ୍ଛନା ଓ ଅସହିଷ୍ଣୁତାର ଦୁର୍ଦ୍ଦିନ ହଟିଯାଇଥିଲା।

୧୮୬୮-୧୯୩୫ – ଓଡ଼ିଆ ଭାଷା ସାହିତ୍ୟକୁ ଆଚ୍ଛନ୍ନ କରିଥିଲା ଅନତିକ୍ରମଣୀୟ ଜାତୀୟତାବୋଧ, ମାଟି-ମା'କୁ ଭଲ ପାଇବାର ଅଭିନବ ଉତ୍ସାହ ଓ ତଦାନୁସାରେ ଭାଷା ସାହିତ୍ୟର ଜାଗରଣ ପାଇଁ ସାହିତ୍ୟର ନବସର୍ଜନା 'ମଧୁବର୍ଣ୍ଣବୋଧ' ପରି। ଆମ ଭାଷା ସାହିତ୍ୟକୁ ସଂରଚନାଗତ ଶୃଙ୍ଖଳା ଦେବାପାଇଁ ବ୍ରହ୍ମର୍ଷି ମଧୁସୂଦନ ରାଓଙ୍କ ଦ୍ୱାରା ଲିଖିତ ହୋଇଥିଲା କାଳଜୟୀ ପୁସ୍ତକ। ପାଠ୍ୟପୁସ୍ତକ ରଚନାରୁ ଆରମ୍ଭ ହୋଇଥିଲା ସମକାଳରେ ଭାଷା ସାହିତ୍ୟର ନବଜାଗରଣ ପାଇଁ ଅନନ୍ୟ ପ୍ରୟାସ। ଅପୂର୍ବ ଉତ୍ସାହରେ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରମୁଖ ସ୍ରଷ୍ଟା ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ, ନିଃସର୍ଗ ନିରାଜନାର କବି ଗଙ୍ଗାଧର ମେହେର, ସମ୍ପାଦନାରେ ଧୂରିଣ ବିଶ୍ୱନାଥ ରଥ, ଗୌରୀଶଙ୍କର ରାୟ, ଉତ୍କଳ ଗୌରବ ମଧୁସୂଦନ ଦାସ, ପଣ୍ଡିତ ଗୋପବନ୍ଧୁ ଦାସ ଓ ମୁକୁର ସମ୍ପାଦକ ବ୍ରଜସୁନ୍ଦର ଦାସ ପ୍ରତିନିୟତ ଭାଷା ସାହିତ୍ୟକୁ ଜାତିର ସ୍ୱଚ୍ଛ ମୁକୁରରେ ପରିଣତ କରିବାକୁ ମନସ୍କାମ ପୋଷଣ କରିଥିଲେ। ସେମାନଙ୍କ ଦୃଷ୍ଟିରେ ଭାଷା ଓ ସାହିତ୍ୟ ଥିଲା ଏକ ଜାତୀୟ ଅସ୍ମିତା ଓ ଓଡ଼ିଆ ସ୍ୱାଭିମାନର ସମର୍ଥ ପ୍ରଚ୍ଛଦ।

ଭାଷା ହେଉଛି ସାହିତ୍ୟ ସଂରଚନାର ଆଦିଶ୍ଲୋକ। ଭାଷା ନଥିଲେ ଭାବନା ନାହିଁ, କି ସାହିତ୍ୟ ନାହିଁ। ତେବେ ବିଭିନ୍ନ ଯୁଗୀୟ ଅବରୋଧରେ 'ଭାଷା' ପରିକ୍ରମଣ କରିଛି ସାହିତ୍ୟକୁ ପୃଷ୍ଠଭୂମି କରି। ପଞ୍ଚଦଶ ଶତାବ୍ଦୀର ସାରଳା ସାହିତ୍ୟଠାରୁ ଉତ୍ତର ଆଧୁନିକ ସାହିତ୍ୟରେ ଭାଷାର ବିଧିଗତ ବିବିଧ ପ୍ରୟୋଗ ଘଟିଛି; ଯାହା ସାହିତ୍ୟର ଜୀବନସତ୍ତାକୁ କେବଳ ମୁକୁର କରି ନାହିଁ, ବରଂ ଦେଇଛି ଏକ ପ୍ରଖର ଭାବଭିତ୍ତିକି ସହଯୋଗ। 'ଭାଷା' ମଣିଷ ସହ ମଣିଷର ସମ୍ପର୍କ ଗଢ଼ିବାର ପ୍ରଥମ ସ୍ୱର-ସମ୍ବାଦ। ମୁହଁରେ ଭାଷା ନ ଥିଲେ ପିଣ୍ଡରେ ପ୍ରାଣ ନଥାଏ; କାରଣ ଗୋଟିଏ ଅଭିବ୍ୟକ୍ତିକୁ ପ୍ରକାଶ କରିବାର ବିବିଧ ମାଧ୍ୟମରୁ ଏକକ ସ୍ପଷ୍ଟ ମାଧ୍ୟମ ହେଉଛି ଭାଷା। ଭାଷା ଏପରି ଏକ ଅବବୋଧ, ଯାହାର ବିନାଆଶ୍ରେ ନ ବର୍ତ୍ତନ୍ତି କବିତା-ବନିତା-ଲତା। ପ୍ରସଙ୍ଗଟିକୁ ଅଧିକ ପ୍ରାଞ୍ଜଳ କରାଗଲେ ନିଷ୍କର୍ଷ ମିଳେ ଯେ- ମଣିଷର ପାଦତଳେ ମାଟିର ଭୂମିକା ଯାହା; ସାହିତ୍ୟ ସଂରଚନାରେ ଭାଷାର ଭୂମିକା ହିଁ ତାହା। ଭାଷା ବିନା ମଣିଷ ମୂକ, ଜାତି ପରିଚୟହୀନ, ବାସକ୍ଷେତ୍ର ବା ଭୂ-ଖଣ୍ଡ ଅବ୍ୟକ୍ତ ବେଦନା ବୋଧରେ ଅନେକତଃ କ୍ଷତାକ୍ତ ଓ ନିଃସ୍ତ୍ରାଣ।

୧୯୩୬ ମସିହାରୁ ଏଯାବତ୍ ଆମର ଭାଷାଗତ ପରୀକ୍ଷଣ ଓ ସାହିତ୍ୟରେ ତା'ର ପରିକ୍ରମଣ ହୁଏତ କୌଣସି ଲକ୍ଷଣୀୟ ଶଙ୍କା ସୃଷ୍ଟି କରିନାହିଁ, କିନ୍ତୁ ତା'ର ବ୍ୟାପକ ଚର୍ଚ୍ଚା ଓ ଭାଷାକୁ ପରିବ୍ୟାପ୍ତ କରିବାର ବିବିଧ ମାର୍ଗ ଅନ୍ୱେଷଣ କିନ୍ତୁ ଶିଥିଳ, ଯାହାକୁ ପୁନଃ ପରିକ୍ରମଣ କରିବାପାଇଁ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ'ର ଆୟୋଜନ ହେଉଛି ଏକ ପରିପକ୍ୱ ଚିନ୍ତନ ଓ ଏବେର ଲୋକପ୍ରିୟ ସରକାରଙ୍କର ଅନନ୍ୟ, ଅବିକ, ନିଃସର୍ତ୍ତ ପ୍ରୟାସ। ୧୯୩୬-୨୦୦୪- ଦୀର୍ଘ ୮୮ ବର୍ଷ ଭିତରେ ଏଭଳି ଏକ ରୋଚକ 'ବିଶ୍ୱ ଭାଷା ସମ୍ମିଳନୀ'ର ଆୟୋଜନ କୌଣସି ସରକାର କରି ନ ଥିଲେ। ନବୀନ ଓଡ଼ିଶାର ଏ ବି ଏକ ଶାସ୍ତ୍ରୀୟ ରୂପାନ୍ତର। ସରକାରଙ୍କର ଭାଷା ପ୍ରତି ଭକ୍ତି ଓ ଭଲପାଇବାର ଏ ସମ୍ମୋହନ ସବୁ ସ୍ତରରେ ନିଶ୍ଚୟ ସ୍ୱାଗତଯୋଗ୍ୟ। ସରକାରୀ ସ୍ତରରେ ଓଡ଼ିଆ ଭାଷାକୁ ସରକାରୀ ଦପ୍ତରରେ ପ୍ରଚଳନ କରିବାର ଆଇନ ପ୍ରଣୟନ ଓ ତା'ର ଉପଯୁକ୍ତ ପରିପାଳନ ପାଇଁ ଆଇନକାନୁନ ତିଆରି କରିବା ସହ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟ ଦେବାକୁ ସଫଳ ଉଦ୍ୟମ କରିବା ଥିଲା ଅବଶ୍ୟ ବିଗତ ସରକାର ଓ ଏବେର ସରକାରଙ୍କର ଏକ ଏକ ଲକ୍ଷ୍ୟଣୀୟ ପ୍ରୟାସ। ଏଇ କ୍ରମରେ ସାମ୍ନାକୁ ଆସେ ଓଡ଼ିଶା ସରକାରୀ ଭାଷା ଅଧିନିୟମ-୧୯୫୪। ଓଡ଼ିଆ ଭାଷାକୁ ସରକାରୀ ଭାଷା ମାନ୍ୟ ମିଳିବାର ସମସ୍ତ ସମ୍ଭାବନା ଏଥିରୁ ବାରିହୋଇ ପଡ଼ିଥିଲା। ହେଲେ ଏହାର ପ୍ରୟୋଗ ପ୍ରକ୍ରିୟା ଏତେ ଶିଥିଳ ଥିଲା ଯେ- ଓଡ଼ିଶାରେ ହିଁ ଓଡ଼ିଆ ଭାଷାକୁ ଅନେକତଃ ହତାଦର ହେବାକୁ ପଡ଼ିଥିଲା; ବିଶେଷକରି ସରକାରୀ ଦପ୍ତରମାନଙ୍କରେ। ଏହାର ନିରାକରଣ ପାଇଁ ୧୯୮୫ ମସିହାରେ ସରକାରଙ୍କ ନିଷ୍ପତ୍ତିକ୍ରମେ ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟ ଦିଆଯିବା ସହିତ ସରକାରୀ ଦପ୍ତରମାନଙ୍କରେ ସମସ୍ତ ନଥି ଓ ଚିଠି ସଂଚାଳନ ଓଡ଼ିଆ ଭାଷାରେ କରାଯିବାର ଘୋଷଣା କରାଯାଇଥିଲା। ୧୯୯୬ ମସିହା ଜୁଲାଇ ମାସରେ ଇଂରାଜୀ ସ୍କୁଲମାନଙ୍କରେ ଓଡ଼ିଆ ଭାଷାର ଅଧ୍ୟାପନାକୁ ବାଧ୍ୟତାମୂଳକ କରାଯିବ ବୋଲି ତତ୍କାଳୀନ ସରକାର ଘୋଷଣା କଲେ। କିନ୍ତୁ ଏ ନିର୍ଦ୍ଦେଶକୁ ଅନେକତଃ ଅଣଦେଖା କରାଗଲା; ଯାହା ସମସ୍ତେ ଜାଣିଲେବି ଅଜଣା ହେଲେ। ଅନୁଭବ କଲେ ନାହିଁ ଯେ- ଓଡ଼ିଆ ଭାଷାର ମର୍ଯ୍ୟାଦାହାନୀ ପାଇଁ କରାଯାଉଥିବା କାର୍ଯ୍ୟକ୍ରମକୁ ବିରୋଧ କରିବା ପାଇଁ ଆବଶ୍ୟକ ହେଉଛି ଏକ କଠୋର ଫଳପ୍ରସୂ ଆନ୍ଦୋଳନ।

୨୦୦୬ ମସିହା ଜୁଲାଇ ୨୬ ତାରିଖ ଦିନ ବର୍ତ୍ତମାନର ସରକାର ଓଡ଼ିଶା ରାଜ୍ୟ ସଚିବାଳୟ ସମେତ ସମସ୍ତ ସରକାରୀ ଅଫିସ୍, ବ୍ୟବସାୟିକ ସଂସ୍ଥାର ନାମଫଳକ, ଚିଠିପତ୍ର ଓ ନିମନ୍ତ୍ରଣ ପାତ୍ରକୁ ଓଡ଼ିଆ ଭାଷାରେ ଲେଖିବା ପାଇଁ ଗୁରୁତ୍ୱ ଦେବା ସହ ଏହାକୁ ବାଧ୍ୟତାମୂଳକ କରିବାକୁ ନିର୍ଦ୍ଦେଶନାମା ଜାରିକଲେ। ସରକାରଙ୍କ ଏପ୍ରକାର ନିର୍ଦ୍ଦେଶ ଅନ୍ତରାଳରେ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ନିଆରା ଭାଷା ପ୍ରୀତି ଥିଲା ଏହା ଅସ୍ୱୀକାର କରିହେବ ନାହିଁ। ଅନୁରୂପଭାବେ ୨୦୦୫-୦୭ ଶିକ୍ଷାବର୍ଷଠାରୁ ଇଂରାଜୀ ମିଡ଼ିୟମ ସ୍କୁଲର ସମସ୍ତ ଶ୍ରେଣୀରେ ଓଡ଼ିଆ ପାଠ ପ୍ରଚଳନ ଓ ଅଧ୍ୟୟନକୁ ସରକାର ବାଧ୍ୟତାମୂଳକ କରିବାକୁ ଘୋଷଣା କଲେ। ବର୍ତ୍ତମାନ ସରକାରଙ୍କର ଆଉ ଏକ ଐତିହାସିକ ପ୍ରୟାସ ଥିଲା ଇଂରାଜୀ ଭାଷା 'ଓରିଶା'କୁ ଦେଶୀୟ ଭାଷା 'ଓଡ଼ିଶା' ଭାବେ ପରିଚିତି ଦେବା। ଆବଶ୍ୟକୀୟ ସାମ୍ବିଧାନିକ ପ୍ରକ୍ରିୟା ଶେଷ ପରେ 'ଓରିଶା' 'ଓଡ଼ିଶା' ଭାବେ ଅଭିହିତ ହେଲା ୨୦୦୮ ମସିହାରେ। ସରକାରଙ୍କ ଦୃଢ଼ ଇଚ୍ଛା ଶକ୍ତି ଥିଲା ଏଇ ପରିବର୍ତ୍ତନର ଏକ ପ୍ରମୁଖ ହେତୁ।

ଲକ୍ଷ୍ୟଣୀୟ ପ୍ରସଙ୍ଗ ଯେ- ବର୍ତ୍ତମାନର ସରକାରଙ୍କ ୨୪ ବର୍ଷର ଆୟୁକାଳରେ ସବୁଠାର ବଡ଼ ପଦକ୍ଷେପ ନିଆଯାଇଛି ଭାଷା ଓ ସାହିତ୍ୟର ଉନ୍ନତି, ପରିବ୍ୟାପ୍ତି ଓ ଭାଷାଗତ ମର୍ଯ୍ୟାଦା ବୋଧକୁ ସୁରକ୍ଷା ଦେବାପାଇଁ। ୨୦୧୪ ମସିହା ଫେବୃଆରୀ ୨୦ ତାରିଖରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟ ପାଇବା ସରକାରଙ୍କ ନିରନ୍ତର ଭାଷାପ୍ରତି ବିହିତ ସମର୍ପିତ ଭାବନାକୁ ଛବିଳ ଓ ବର୍ଣ୍ଣିଳ କରିଛି। ୨୦୦୬ ମସିହାରୁ ଏ କ୍ଷେତ୍ରରେ ଉଦ୍ୟମ ଆରମ୍ଭ ହୋଇଥିଲା; ଫଳରେ ୨୦୧୩ ମସିହା ଜୁଲାଇ ମାସରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ 'ଭାଷା ବିଶେଷଜ୍ଞ କମିଟି' ଓଡ଼ିଆ ଭାଷା ଯେ- ଶାସ୍ତ୍ରୀୟ ଭାଷାର ମାନ୍ୟ ପାଇବାକୁ ଯୋଗ୍ୟ- ଏକଥା ଘୋଷଣା କରିଥିଲେ। କିନ୍ତୁ ବିବିଧ କାରଣରୁ 'ଶାସ୍ତ୍ରୀୟ ଭାଷା' ପ୍ରାପ୍ତିର ଶୀର୍ଷ ଘୋଷଣା ପାଖାପାଖି ବର୍ଷଟିଏ ବିଳମ୍ବିତ ହୋଇଥିଲାବେଳେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ; ବିଶେଷକରି ସଂସ୍କୃତ ବିଭାଗ କଥା ବୁଝୁଥିବା ଓଡ଼ିଶାର ଦକ୍ଷ ପ୍ରଶାସନିକ ଅଧିକାରୀ ଡକ୍ଟର ଆର. ବାଲ, କ୍ରିଷନଙ୍କ ନିରନ୍ତର ଉଦ୍ୟମ-୨୦୧୪ ମସିହା ଫେବୃଆରୀ ୨୦ ତାରିଖରେ ଓଡ଼ିଆ ଭାଷାକୁ 'ଶାସ୍ତ୍ରୀୟ ଭାଷା'ର ମାନ୍ୟ ଦେବାର ଶେଷ ସ୍ୱର୍ଶ ଦେଇଥିଲା; କେନ୍ଦ୍ର ସରକାରଙ୍କ ଘୋଷଣାକ୍ରମେ।

୨୦୧୪ ରୁ ୨୦୨୪- ଏଇ ଦଶବର୍ଷ ଭିତରେ ସବୁଠି କିନ୍ତୁ ଗୋଟିଏ ପ୍ରସଙ୍ଗ, ଗୋଟିଏ ସାମୂହିକ ଅଭିଯୋଗ-ଚର୍ଚ୍ଚାକୁ ଖୋରାକ ଯୋଗାଇଛି; ସରକାରୀ ଦପ୍ତର ଓ ସରକାରୀ ନିର୍ଦ୍ଦେଶନାମାରେ ଓଡ଼ିଆ ଭାଷାର ଅବ୍ୟବହୃତ ଅବସ୍ଥାକୁ ନେଇ। ଏହାକୁ ଆମ ଭାଷାର ଅସ୍ତିତ୍ୱ ଓ ସ୍ୱାଭିମାନର ସଙ୍କଟ ବୋଲି ଏଯାବତ୍ ଗ୍ରହଣ କରାଯାଇଛି। ବର୍ତ୍ତମାନ ସରକାର ଏଇ ସଙ୍କଟ ଟାଳିବା ପାଇଁ ୨୦୧୬ରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ। ଫଳରେ ୨୦୧୬ ମସିହା ଅଗଷ୍ଟ ମାସରେ 'ସଂଶୋଧିତ ଓଡ଼ିଶା ସରକାରୀ ଭାଷା ଅଧିନିୟମ ୧୯୫୪' କାର୍ଯ୍ୟକାରୀ କରାଯିବ ବୋଲି ନିଷ୍ପତ୍ତି ନିଆଗଲା ଓ ସରକାରୀ ଫାଇଲ୍ ତଥା ଶାସନ କାର୍ଯ୍ୟରେ ଦିଆଯାଇଥିବା ସମସ୍ତ ଆଦେଶ, ନିର୍ଦ୍ଦେଶ ଆଦି ଓଡ଼ିଆ ଭାଷାରେ କରାଯିବ ବୋଲି ଘୋଷଣା କରାଗଲା। ଏହା ଥିଲା ଆଜିର- "ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ"ର କର୍ଣ୍ଣଧାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନୀବନ ପଟ୍ଟନାୟକଙ୍କ ଭାଷାସଂପ୍ରୀତି ଓ ସମ୍ବେଦନଶୀଳ ମାନସିକତାର ଚରମ ନିଦର୍ଶନ। ୨୦୧୮ ମସିହା ଏପ୍ରିଲରେ ଏଇ ଆଇନର କଡ଼ାକଡ଼ି ପରିପାଳନ ପାଇଁ ସରକାର ପୁନଃ ଆଦେଶନାମା ଜାରି କରିବା ସହିତ; ଏହାକୁ ଅମାନ୍ୟ କଲେ କାର୍ଯ୍ୟାନୁଷ୍ଠାନ କଠୋର ହେବ ବୋଲି ଚେତାବନୀ ମଧ୍ୟ ଦେଲେ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶକୁ ବ୍ୟାପକ କରିବା ପାଇଁ ୨୦୧୮ ମସିହାରେ ସରକାର ପର୍ଯ୍ୟଟନ ବିଭାଗରୁ ସଂସ୍କୃତିକୁ ପୃଥକ କରି ଏହାକୁ ଓଡ଼ିଆ ଭାଷା, ସାହିତ୍ୟ ସହ ସଂଯୁକ୍ତ କରି ଏକ ନୂତନ ବିଭାଗ ସୃଷ୍ଟି କଲେ। ପରବର୍ତ୍ତୀ ଐତିହ୍ୟ କ୍ୟାବିନେଟରେ ନିଷ୍ପତ୍ତି ନିଆଗଲା ଯେ- ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସଂରକ୍ଷଣ ଓ ରୂପାନ୍ତର ପାଇଁ ପ୍ରତି ପାଞ୍ଚବର୍ଷରେ ଥରେ 'ବିଶ୍ୱ ଭାଷା ସମ୍ମିଳନୀ'ର ଆୟୋଜନ ସରକାରୀ ସ୍ତରରେ କରାଯିବ। ଏଇ ଚିନ୍ତନ ଓ ନିଷ୍ପତ୍ତିର ଫଳଶ୍ରୁତି ହେଉଛି- ୨୦୨୪, ଫେବୃଆରୀ- ୩, ୪, ୫ ତାରିଖରେ ଆୟୋଜନ ହେଉଥିବା 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ'। ନୂଆ ଶିକ୍ଷାନୀତିରେ ଭାଷାର ବିକାଶକୁ ପ୍ରାଧାନ୍ୟ ଦିଆଯାଇଥିବାବେଳେ ଓଡ଼ିଶା ସରକାରଙ୍କ ଏ ସମ୍ମିଳନୀ ନିୟୟ ମହତ୍ତ୍ୱପୂର୍ଣ୍ଣ। ଏଥରେ ଭାଷା ସୁରକ୍ଷା ପାଇଁ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି, ପ୍ରତିବେଦିତ ମାନସିକତା ସ୍ପଷ୍ଟ ଓ ସ୍ୱଚ୍ଛ।

ଓଡ଼ିଆ ଭାଷାର ଅସ୍ତିତ୍ୱ ଓ ଅସ୍ମିତା ଚର୍ଚ୍ଚା ଏକ ବିଭୋର ପ୍ରସଙ୍ଗ ନୁହେଁ; ବରଂ ବୌଦ୍ଧିକ ଚିନ୍ତନର ଏହା ହେଉଛି ଏକ ପରିଚ୍ଛନ୍ନ ଅଭିବ୍ୟକ୍ତି। ସରକାର ଏବେ ବିବିଧ ଆଲୋଚନା କ୍ରମରେ ଉପଲବ୍ଧ କରିବେ- ଭାଷା ବିକାଶ ଓ ଜାଗରଣ କ୍ଷେତ୍ରରେ ପ୍ରତିବନ୍ଧକ କେଉଁଠି? ସରକାରଙ୍କ ଇଚ୍ଛା ଶକ୍ତି, ପ୍ରୋତ୍ସାହନ, ଉଦ୍ୟମ ଓ ଆର୍ଥିକ ଅନୁଦାନକୁ ଏ କ୍ଷେତ୍ରରେ ସରକାରୀ ଅଧିକାରୀମାନେ କେତେଦୂର ପରିପାଳନ କରୁଛନ୍ତି? ତେବେ ଆଶା ଓ ଆଶ୍ୱାସନା ବିଷୟ ଯେ- ସମସ୍ତ ସରକାରୀ ବିଭାଗ, ସଂସ୍କୃତି ବିଭାଗ, ସମେତ ଖୋଦ୍ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀଙ୍କ ସଂସ୍କୃତି ପରାମର୍ଶଦାତା- ଡକ୍ଟର ଆର.ବାଲ୍ କ୍ରିଷ୍ଣନ, ୫ଟି ଅଧ୍ୟକ୍ଷ- ଶ୍ରୀଯୁକ୍ତ ଭି. କାର୍ତ୍ତିକେୟ ପାଣ୍ଡିଆନ, ସଂସ୍କୃତି ସଚିବ ଶ୍ରୀମତୀ ସୁଜାତା କାର୍ତ୍ତିକେୟ ଓ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲୀପ କୁମାର ରାଉତରାୟ ଓ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ'ର ସଫଳତା ପାଇଁ ନିଜର ସମସ୍ତ ପ୍ରତିବଦ୍ଧତା ଜାରି ରଖିଛନ୍ତି। ତେଣୁ ଆଶା କରାଯାଏ- ଏହି ସମ୍ମିଳନୀର ଆୟୋଜନ ଓଡ଼ିଆ ଭାଷାର ସଫଳ ବିନିଯୋଗର ସମସ୍ତ ସାର୍ଥକ ଦିଗ ପ୍ରତି ନଜର ରଖିବ ଓ ଚର୍ଚ୍ଚାରେ ରଖିବ ଓଡ଼ିଆ ଭାଷା-ସାହିତ୍ୟକୁ ବିଶ୍ୱମୁଖୀ କରିବାପାଇଁ ସାର୍ଥକ ଭାଷା ବ୍ୟବହାରରେ ଆମ ଶାସ୍ତ୍ରୀୟ କଥାକବିତାକୁ ଅନ୍ୟଭାଷାରେ ଅନୂଦିତ କରି ଗୋଟିଏ ଶାସ୍ତ୍ରୀୟ ଭାଷାର ମୌଳିକତା ଓ ମର୍ଯ୍ୟାଦାକୁ ପରିବ୍ୟାପ୍ତ କରିବ। 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଭାଷା ହିଁ ଭବିଷ୍ୟତ ଏକ ସ୍ଲୋଗାନରେ ତଲ୍ଲୀନ। ଏଇ ଅର୍ଥବାହୀ ସ୍ଲୋଗାନର ସ୍ୱରକୁ ଉଦ୍ଦୀପ୍ତ କରାଯାଉ; ଯେଉଁଥିରେ ଏକ ଚିରନ୍ତନ ତେଜୋଦୀପ୍ତ ଭାଷା ଓ ସାହିତ୍ୟର ରୂପନ୍ୟାସ ଘଟିବ; ଅନ୍ୟନ୍ୟା ପ୍ରାଦେଶିକ ଭାଷା ପାଇଁ ମଧ୍ୟ ଏହା ସୃଷ୍ଟି କରିବ ଅନତିକ୍ରମଣୀୟ ଉଦାହରଣ। ଜୟ ଜଗନ୍ନାଥ।

ମହାନଦୀ ବିହାର, କଟକ-୪
ମୋ. : ୯୯୩୭୨୨୨୧୨୨

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୯ ଜାନୁଆରୀ ୨୦୨୪ ସୋମବାର



## ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଯାପିତ

# ମା', ମାଟି ଓ ମାତୃଭାଷାର ସେବାରେ ସମର୍ପିତ ହେବାକୁ ଆହ୍ୱାନ




**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଆ ଅସ୍ତିତ୍ୱର ଐତିହ୍ୟ ଓ ପରମ୍ପରା ଅତ୍ୟନ୍ତ ସମୃଦ୍ଧ। ଏହା ଆମର ଗର୍ବ ଓ ଗୌରବର ବିଷୟ ହେବା ସହିତ ଆମ ପ୍ରେରଣାର ଉତ୍ସ। ଆମ ଭାବ, ଭାବନା, କଳ୍ପନା ଓ ଅନୁଭବର ପୁଞ୍ଜିଭୂତ ଶକ୍ତିମତ୍ତା। ଏହାର ସଂରକ୍ଷଣ, ସୁରକ୍ଷା, ବ୍ୟାଖ୍ୟାନ ଓ ପ୍ରସାର ପ୍ରତ୍ୟେକ ଓଡ଼ିଆଙ୍କ ନୈତିକ କର୍ତ୍ତବ୍ୟ ବୋଲି ଅତିଥିମାନେ ମତ ଦେଇଛନ୍ତି। ରବିବାର ପୂର୍ବାହ୍ନରେ ଭୁବନେଶ୍ୱର ସାହିତ୍ୟ ପର୍ବର ଉଦ୍‌ଯାପନ ଉତ୍ସବ ଅବସରରେ ଆୟୋଜିତ ମୁକ୍ତ ଅଧିବେଶନରେ ଯୋଗଦେଇ ଏହି ମର୍ମରେ ଅତିଥିମାନେ ମା', ମାଟି ଓ ମାତୃଭାଷାର ସେବାରେ ସମର୍ପିତ ହେବାକୁ ଆହ୍ୱାନ ଦେଇଛନ୍ତି।

ଅଧିବେଶନରେ ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ ଭାଷାବିଜ୍ଞାନୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କହିଲେ ଯେ ସବୁ ଭାଷା ଶିଖିବା ସହିତ ମାତୃଭାଷାର ମହତ୍ୱ ରକ୍ଷାକରିବା ଗୁରୁତ୍ୱପୂର୍ଣ୍ଣ। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ 'ଧରିତ୍ରୀ'ର ସଂପାଦକ ତଥା ପୂର୍ବତନ ସାଂସଦ ତଥାଗତ ସତପଥି ଭାଷିକ ଓ ସାଂସ୍କୃତିକ ବିବିଧତା ଭାରତର ଶକ୍ତି ଓ ସୌନ୍ଦର୍ଯ୍ୟ। ଆମ ସମାଜ ସମସ୍ତ ପରିବର୍ତ୍ତନକୁ ସ୍ୱାଗତ କରିବା ସହିତ ନିଜର ସ୍ୱାତନ୍ତ୍ର୍ୟ ସବୁବେଳେ ପ୍ରତିପାଦିତ କରିଆସିଛି। ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକମାନେ ଏହି ମର୍ମରେ ଆମର ଅସ୍ମିତା ଓ ସ୍ୱାଭିମାନକୁ ଦୃଷ୍ଟିରେ ରଖି ଏକ ଅର୍ଥପୂର୍ଣ୍ଣ ଭବିଷ୍ୟତ ନିର୍ମାଣରେ ଅଂଶୀଦାର ହେବା ଆବଶ୍ୟକ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜର୍ମାନୀ ଲେଖିକା ତଥା ଅନୁବାଦିକା ଉତ୍ତେ ଐସିଞ୍ଜର ଓଡ଼ିଆ ସଂସ୍କୃତି ଓ ସାହିତ୍ୟ ସହିତ ତାଙ୍କର ସଂପୃକ୍ତି ଓ ସଂପ୍ରୀତି ଉଲ୍ଲେଖ କରି ଓଡ଼ିଆ ସାହିତ୍ୟକୁ ବିଶ୍ୱ ପ୍ରସାରିତ କରିବା ଦିଗରେ ଅଧିକ କାର୍ଯ୍ୟ ହେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରସନ୍ନ କୁମାର ସ୍ୱାଇଁ ମଧ୍ୟ ବକ୍ତବ୍ୟ ରଖି ଅନୁଷ୍ଠାନର କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତ୍ସବ ନିର୍ଦ୍ଦେଶକ ଡ. ଅଶୋକ କୁମାର ସିଂହ ପ୍ରାରମ୍ଭିକ ସୂଚନା ଦେଇଥିଲେ।

କାର୍ଯ୍ୟକ୍ରମ ପରେ ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଆଶୁତୋଷ ପଟ୍ଟନାୟକ ନିଜର ସୃଜନ ଯାତ୍ରା ସଂପର୍କରେ ଚଳଚ୍ଚିତ୍ର ଗବେଷକ ସୂର୍ଯ୍ୟ ଦେଓଙ୍କ ସହିତ ଆଳାପ କରିଥିଲେ। ଏହା ପରେ 'ଓଡ଼ିଆ ପ୍ରକାଶନ : ଆହ୍ୱାନ ଓ ଭବିଷ୍ୟତ' ଶୀର୍ଷକ ଆଲୋଚନା ଚକ୍ରରେ ବନୋଜ ତ୍ରିପାଠୀ, ବନ୍ଦନାମିଶ୍ର, ଦେବାଶିଷ ସାମନ୍ତରାୟ ଓ କେଦାର ମିଶ୍ର ଆଲୋଚନା କରିଥିଲେ। ବିଶେଷ ଆକର୍ଷଣୀୟ ହୋଇଥିଲା ଟ୍ରାନ୍ସଜେଣ୍ଡର ମାନଙ୍କ ଜୀବନଧାରା, ସ୍ୱପ୍ନ ଓ ସମସ୍ୟା ସଂପର୍କିତ ଆଲୋଚନା ଚକ୍ର। ସୁମନ, ଆୟେଶା, ସମୀକ୍ଷା ଓ ସନ୍ତୋଷ ଜେନା (ଏମି) ଅଂଶଗ୍ରହଣ କରିଥିବା ଏହି ଆଲୋଚନା ଚକ୍ରକୁ ସଂଚାଳନ କରିଥିଲେ ଶୁଭ୍ରାଂଶୁ ପଣ୍ଡା। ପରେ ମନୋଜ୍ଞକବିତା ପାଠୋତ୍ସବରେ ବିଶିଷ୍ଟ କବି ପ୍ରବାସିନୀ ମହାକୁଡ଼ ଅଧ୍ୟକ୍ଷତା କରିଥିଲେ। ପ୍ରସନ୍ତ କୁମାର ସ୍ୱାଇଁ, ଡ. ଗୀତାଶ୍ରୀ ପ୍ରିୟମ୍ବଦା ଓ ପ୍ରଣତି ମିଶ୍ରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଏହି ପାଠୋତ୍ସବରେ ୬୦ରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ସନ୍ଧ୍ୟାରେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ରଚିତ ଉପନ୍ୟାସ ଆଧାରିତ ମୃଣାଳ ସେନ୍‌ଙ୍କ ନିର୍ଦ୍ଦେଶିତ କ୍ଲାସିକ୍ ଓଡ଼ିଆ ଚଳଚ୍ଚିତ୍ର 'ମାଟିର ମଣିଷ' ପ୍ରଦର୍ଶିତ ହୋଇଥିଲା। କାଳିନ୍ଦୀ ଚରଣଙ୍କ ପୌତ୍ର ସୁପର୍ଣ୍ଣୋ ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର ପରିଚାଳନା କରିଥିଲେ। ସର୍ବଶ୍ରୀ ନନ୍ଦକିଶୋର ବିଶ୍ୱାଳ, ଡ. ପ୍ରଦୀପ୍ତ କୁମାର ବାରିକ, ଆଭାସ ବରାଳ, ଡ. ଅଭୟ ନାରାୟଣ ନାୟକ, ଶାକ୍ୟ ସିଂହ ମହାପାତ୍ର, ସୁଧୀର ମଉଡ଼ମଣି, ବିଧୁଭୂଷଣ ତ୍ରିପାଠୀ, ସଂଜୟ ମହାନ୍ତି ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କିଟ୍ ଓ କିସ୍ ପକ୍ଷରୁ ମିନି ମାରାଥନ

# ପାଟଥନରେ ଶାଢ଼ି ପିନ୍ଧି ଦୌଡ଼ିଲେ ୫ ହଜାର ମହିଳା




**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୋତ୍ସାହନରେ ପ୍ରତିବର୍ଷ ଓଡ଼ିଶାର ସମସ୍ତ ଜିଲ୍ଲା ତଥା ଭାରତର ବିଭିନ୍ନ ସହରରେ 'ସମସ୍ତଙ୍କ ପାଇଁ ଶିକ୍ଷା' ଲକ୍ଷ୍ୟରେ ମିନି ମାରାଥନ ଆୟୋଜନ କରାଯାଇ ଥାଏ। ଚଳିତ ବର୍ଷ ମଧ୍ୟ ଓଡ଼ିଶାର ୫୫ଟି ସ୍ଥାନରେ ଏହି ମାରାଥନ ଆୟୋଜନ କରାଯାଇଥିଲା। ଭୁବନେଶ୍ୱରରେ ଚଳିତବର୍ଷ ସ୍ୱତନ୍ତ୍ର ଭାବେ ପ୍ରଥମ ଥର ଲାଗି ନିଆରା ଢଙ୍ଗରେ 'ପାଟଥନ' ଆୟୋଜନ କରାଯାଇଥିଲା। ସକାଳ ୭ଟାରୁ ୮ଟା ପର୍ଯ୍ୟନ୍ତ ଚାଲିଥିବା ଏହି ପାଟଥନରେ ମହିଳାମାନେ ଶାଢ଼ି ପିନ୍ଧି ଦୌଡ଼ିଥିଲେ। 'ମହିଳା ସଶକ୍ତିକରଣ' ଓ 'ସମସ୍ତଙ୍କ ପାଇଁ ଶିକ୍ଷା' ଲକ୍ଷ୍ୟରେ ଚଳିତବର୍ଷ ପାଟଥନର ଆୟୋଜନ କରାଯାଇଥିଲା। କିଟ୍, କିସ୍ ଓ କିମ୍ସର ୫୦୦୦ ମହିଳା କର୍ମଚାରୀ ଏହି ଦୌଡ଼ରେ ସାମିଲ ହୋଇଥିଲେ। ଶିଖରଚଣ୍ଡୀ ମନ୍ଦିର ଛକରୁ କିଟ୍ କ୍ରିକେଟ ଷ୍ଟାଡିୟମ ପର୍ଯ୍ୟନ୍ତ ମହିଳାମାନେ ଦୌଡ଼ିଥିଲେ। ଶ୍ରେଷ୍ଠ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨୦ ହଜାର, ୧୫ ହଜାର ଓ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। କେ-୩ ବ୍ରେକ-ଫ୍ରି ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଦିନ ତମାମ ଅନ୍ୟାନ୍ୟ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ପାଟଥନ କାର୍ଯ୍ୟକ୍ରମରେ କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ଚେୟାରପର୍ସନ ଶ୍ରୀମୟୀ ମିଶ୍ର, ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ସ୍ଥାନୀୟ କର୍ପୋରେଟର ମିହିର କୁମାର ରାଉତ, ଅନ୍ତର୍ଜାତୀୟ ସାଇକେଲ ଚାଳିକା ମୀନତି ମହାପାତ୍ର, ଆଥଲେଟ ଶ୍ରାବଣୀ ନନ୍ଦ, ଅନୁରାଧା ବିଶ୍ୱାଳ, କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ, କୁଳପତି ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କାଦମ୍ବିନୀ ସମ୍ପାଦିକା ଡ ଇତିରାଣୀ ସାମନ୍ତ, କିଟ୍ ଇଣ୍ଟର-ନ୍ୟାସନାଲ ସ୍କୁଲ ଚେୟାରପର୍ସନ ଡ. ମୋନାଲିସା ବଳ ପ୍ରମୁଖ ଯୋଗ ଦେଇ ମାରାଥନରେ ଅଂଶଗ୍ରହଣ କରିଥିବା ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। 'ସମସ୍ତଙ୍କ ପାଇଁ ଶିକ୍ଷା' ନେଇ ସାଧାରଣରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ସାମନ୍ତଙ୍କ ପ୍ରୋତ୍ସାହନରେ ୨୦୧୬ ମସିହାରୁ ଏହା ଆୟୋଜିତ ହୋଇଆସୁଛି।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରଭୁ ରାମଙ୍କ...

ସମ୍ବନ୍ଧୀୟ ଚାପ ହ୍ରାସ କରିବାକୁ ଚେଷ୍ଟା କରିଥାଏ। ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେବା ଲାଗି ଅନେକ ଅଭିନବ ଉଦ୍ୟମ କରାଯାଇଛି ଓ ପରୀକ୍ଷା ସମ୍ବନ୍ଧୀୟ ଚାପ ସମ୍ବନ୍ଧରେ ସଚେତନତା ପ୍ରସାର କରାଯାଇଛି। ଆପଣମାନଙ୍କୁ ବିଶେଷକରି, ଯୁବ ଓ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ, ରେକର୍ଡ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗ ଦିଅନ୍ତୁ। ତୁମମାନଙ୍କ ସହିତ କଥାବାର୍ତ୍ତା କରି ମୁଁ ସୁଖୀ ହେବି।

### ନିଜ ପ୍ରତିଭା ପରିପ୍ରକାଶ...

ହେଲେ ପାଠ ଯେତିକି ଆବଶ୍ୟକ, ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ବି ସେତିକି ଆବଶ୍ୟକ। ତେଣୁ ନୂଆ-ଓ କାର୍ଯ୍ୟକ୍ରମରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ନିଜ ପ୍ରତିଭା ଦେଖାଇବାକୁ ମିଳୁଥିବା ଏହି ସୁଯୋଗକୁ ହାତଛଡ଼ା କରନ୍ତୁ ନାହିଁ। କଠିନ ପରିଶ୍ରମ ଫଳରେ କେନ୍ଦୁଝର ଜିଲ୍ଲାର ତିନିଜଣ ସଫଳ ବ୍ୟକ୍ତିଙ୍କ ସମ୍ପର୍କରେ ସେ କହିଥିଲେ। ପରେ ପରେ ସେଠାରୁ କେନ୍ଦୁଝର ସହରରେ ସ୍ଥାପିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

### ବଢିଲା ବିଏସ୍‌କେୱାଇ ...

ତେବେ ଗ୍ରାମାଞ୍ଚଳରେ ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବେଦନ କରିପାରିନଥିବାରୁ ସମସ୍ତଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବାକୁ ସୁଯୋଗ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ରବିବାର ସ୍ୱାସ୍ଥ୍ୟ ବିଭାଗ ସଚିବ ବିଜୁ କାର୍ଡ ପଞ୍ଜିକରଣ ଆବେଦନ ଅବଧିକୁ ଫେବୃୟାରୀ ୮ ତାରିଖ ଯାଏ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ରାଜ୍ୟ ସରକାରଙ୍କ ଏହି ଯୋଜନାରେ ଗରିବ ହିତାଧିକାରୀ ମାଗଣା ସ୍ୱାସ୍ଥ୍ୟସେବା ପାଉଥିବାରୁ ଏହା ଉପରେ ଭରଷା ବୃଦ୍ଧି ପାଇଛି। ଏହି ଯୋଜନାରେ ୩ କୋଟିରୁ ଊର୍ଦ୍ଧ୍ୱ ପରିବାର ସାମିଲ ହୋଇ ଉପକୃତ ହୋଇପାରୁଛନ୍ତି।

### ନବମ ଥର ପାଇଁ ...

ତାଙ୍କୁ ଏହି ଶପଥ ପାଠ କରାଇଛନ୍ତି। ନୀତିଶଙ୍କ ସହ ସମ୍ରାଟ ଚୌଧୁରୀ, ବିଜୟ ସିହ୍ନା କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଜେଡିୟୁ-ବିଜେପି ମେଣ୍ଟ ସରକାରର ଏହି ଶପଥ ଗ୍ରହଣ ସମାରୋହରେ ବିଜେପି ସଭାପତି ଜେପି ନଡ୍ଡା ମଧ୍ୟ ଉପସ୍ଥିତ ଥିଲେ। ନୀତିଶ କୁମାରଙ୍କ ସମେତ ରବିବାର ଶପଥ ନେଇଛନ୍ତି ୯ ମନ୍ତ୍ରୀ। ଜେଡିୟୁ ଓ ବିଜେପିରୁ ୩ ଜଣ ଲେଖାଏଁ ଶପଥ ନେଇଥିବା ବେଳେ ଜଣେ ସ୍ୱାଧୀନ ବିଧାୟକ ଓ ହମ ପାର୍ଟିରୁ ଜଣେ ମନ୍ତ୍ରୀ ହୋଇଛନ୍ତି। ବିଜେପିରୁ ସମ୍ରାଟ ଚୌଧୁରୀ, ବିଜୟ ସିହ୍ନା, ପ୍ରେମ କୁମାର ମନ୍ତ୍ରୀ ହୋଇଥିବା ବେଳେ ଜେଡିୟୁରୁ ବିଜୟ ଚୌଧୁରୀ, ଶ୍ରବଣ କୁମାର, ବିଜେନ୍ଦ୍ର ଯାଦବ ମନ୍ତ୍ରୀ ହୋଇଛନ୍ତି। ହମ ପାର୍ଟିରୁ ସନ୍ତୋଷ କୁମାର ସୁମନ ମନ୍ତ୍ରୀପଦର ଶପଥ ନେଇଥିବା ବେଳେ ସ୍ୱାଧୀନ ବିଧାୟକ ସୁମିତ କୁମାର ସିଂ ମନ୍ତ୍ରୀପଦର ଶପଥ ନେଇଛନ୍ତିଫ ଉଲ୍ଲେଖଯୋଗ୍ୟ ନୀତିଶ କୁମାର ରବିବାର ପୂର୍ବାହ୍ନରେ ରାଜ୍ୟପାଳଙ୍କୁ ନିଜର ଇସ୍ତଫା ଦେଇଥିଲେ। ଏହାପରେ କିଛି ସମୟ ପରେ ପୁଣିଥରେ ବିଜେପି ବିଧାୟକଙ୍କ ସମର୍ଥନରେ ରାଜଭବନ ଗସ୍ତ କରି ସେ ସରକାର ଗଢିବାକୁ ଦାବି ଉପସ୍ଥାପନ କରିଥିଲେ। ଆଉ ଏହାପରେ ଅପରାହ୍ନ ୫ଟାରେ ପୁନର୍ବାର ମୁଖ୍ୟମନ୍ତ୍ରୀ ଭାବେ ସେ ପଦ ଓ ଗୋପନୀୟତାର ଶପଥ ପାଠ କରିଛନ୍ତି।

### ଫେବୃଆରୀରେ ...

ଦେବେ ପ୍ରଧାନମନ୍ତ୍ରୀ।
ସୂଚନାଯୋଗ୍ୟ ଯେ, ଫେବୃୟାରୀ ପ୍ରଥମ ସପ୍ତାହରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସି ଆଇଆଇଏମ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହାସହ ପ୍ରଧାନମନ୍ତ୍ରୀ ମୋଦି ଏକ ଜନସଭାକୁ ମଧ୍ୟ ସମ୍ବୋଧିତ କରିବେ ବୋଲି ବିଜେପି ରାଜ୍ୟ ସଭାପତି ଶ୍ରୀ ସାମଲ ସୂଚନା ଦେଇଛନ୍ତି।

### ପ୍ରାର୍ଥୀ ନ ମିଳିଲେ...

ଭାରତ ସରକାରଙ୍କ ରିଜର୍ଭେସନ ନୀତି କାର୍ଯ୍ୟାନୁଷ୍ଠାନ କରିବା ପାଇଁ ହିତାଧିକାରୀଙ୍କ ଆପତ୍ତି ଓ ପରାମର୍ଶ ନିମନ୍ତେ ଗାଇଡଲାଇନକୁ ସାର୍ବଜନୀନ କରାଯାଇଛି।
ଡ୍ରାଫ୍ଟ ଗାଇଡଲାଇନରେ କୁହାଯାଇଛି ଯେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଅଥବା ଅନ୍ୟାନ୍ୟ ପଛୁଆ ବର୍ଗ ନିମନ୍ତେ ସଂରକ୍ଷିତ ସ୍ଥାନରେ ସଂପୃକ୍ତ ପ୍ରାର୍ଥୀଙ୍କ ବିନା ଅନ୍ୟମାନଙ୍କ ଦ୍ୱାରା ପୂରଣ କରାଯାଇ ପାରିବ ନାହିଁ। କୁହାଯାଇଛି ଯେ ଯେହେତୁ ଏକ ସଂରକ୍ଷିତ ସ୍ଥାନକୁ ଅଣ ସଂରକ୍ଷଣ ପ୍ରକ୍ରିୟା ପାଳନ କରି ଅଣ ସଂରକ୍ଷିତ ଘୋଷଣା କରାଯାଇ ପାରିବ, ଯାହା ପରେ ଏହାକୁ ଅଣସଂରକ୍ଷିତ ଆସନ ଭାବେ ପୂରଣ କରାଯିବ। ତେବେ ଏହା ସହିତ କୁହାଯାଇଛି ଯେ କୌଣସି ସିଧାସଳଖ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷିତ ସ୍ଥାନକୁ ଅଣ ସଂରକ୍ଷଣ ଘୋଷଣା କରିବା ଉପରେ ପ୍ରତିବନ୍ଧକ ରହିବ। ଡ୍ରାଫ୍ଟ ଅନୁସାରେ କାରଣ ସମୂହ ଏ ସେବାରେ ସାର୍ବଜନୀକ ହିତ ଉଦ୍ଦେଶ୍ୟରେ କୌଣସି ସ୍ଥାନ ରଖାଯାଇ ପାରିବନି, ଏଥିରେ ଏଭଳି ଦୁର୍ଲଭ ଓ ଅସାଧାରଣ ମାମଲାରେ ସମ୍ପର୍କିତ ବିଶ୍ୱବିଦ୍ୟାଳୟ ପଦବୀର ସଂରକ୍ଷଣ ରଦ୍ଦ କରିବାର ପ୍ରସ୍ତାବ ପ୍ରସ୍ତୁତ କରିପାରେ। ନିଜ ପ୍ରସ୍ତାବରେ ଜଣାଇବାକୁ ହେବ ଯେ ପଦ ପୂରଣ ନିମନ୍ତେ କେତେ ଥର ଉଦ୍ୟମ କରାଗଲାଣି, ପଦକୁ କାହିଁକି ଖାଲି ରଖାଯାଇ ପାରିବନି ଓ ରିଜର୍ଭେସନ ରଦ୍ଦ କରିବାର ଉଚିତ କାରଣ କଣ? ପରାମର୍ଶରେ କୁହାଯାଇ ଛି ଯେ ଗ୍ରୁପ ସି ଅଥବା ଡି ମାମଲାରେ ସଂରକ୍ଷଣ ରଦ୍ଦ ନିମନ୍ତେ ପ୍ରସ୍ତାବ ବିଶ୍ୱବିଦ୍ୟାଳୟଙ୍କ କାର୍ଯ୍ୟକାରୀ ପରିଷଦକୁ ପଠାଯାଇ ପାରିବ। ସେହିପରି ଏ ଅଥବା ବି ଗ୍ରେଡର ପଦବୀ ନିମନ୍ତେ ପ୍ରସ୍ତାବକୁ ଆବଶ୍ୟକ ଅନୁମୋଦନ ନିମନ୍ତେ ସମ୍ପୂର୍ଣ୍ଣ ବିବରଣୀ ସହିତ ଶିକ୍ଷା ମନ୍ତ୍ରଣାଳୟକୁ ପଠାଯିବା ଦରକାର ଓ ମଞ୍ଜୁରୀ ମିଳିବା ପରେ ପଦପୂରଣ କରାଯାଇ ପାରେ। ଏପରି ଗାଇଡଲାଇନକୁ ନେଇ ଅନେକ ସ୍ଥାନରୁ କଡା ପ୍ରତିକ୍ରିୟା ମିଳିବାକୁ ଲାଗିଲାଣି। ଜେଏନୟୁଏସୟୁ ଏହା ବିରୋଧରେ ବିକ୍ଷୋଭ କରିବ ବୋଲି ଧମକ ଦେଇଛି।

### ଇସ୍ରାଏଲର...

କରିବାକୁ ଆମେ ଏହି ନିଷ୍ପତ୍ତି ନେଇଛୁ। ୧୯୪୮ ମସିହାରେ ଏହି ଏଜେନ୍ସିକୁ ସ୍ଥାପନା କରାଯାଇଥିଲା। ଏହା କାମ ସେହି ପାଲେଷ୍ଟେନୀୟ ଶରଣାର୍ଥୀଙ୍କୁ ଆଶ୍ୱସ୍ତ କରିବାର ଥିଲା। ଯେଉଁମାନେ ଇସ୍ରାଏଲ ଦଖଲ ଯୋଗୁ ବେଘର ହୋଇଯାଇଥିଲେ। ରିପୋର୍ଟ ଅନୁସାରେ ଏଜେନ୍ସି ଗାଜା, ୱେଷ୍ଟବ୍ୟାଙ୍କ, ସିରିୟା, ଲେବାନନ ଓ ଜୋର୍ଡାନରେ ୬୦ ଲକ୍ଷ ଲୋକଙ୍କୁ ସହାୟତା କରୁଛି। ଏହି ଏଜେନ୍ସିର କାମ ସାଧାରଣ ଲୋକଙ୍କ ନିକଟକୁ ରିଲିଫ ପହଞ୍ଚାଇବା। ଆମେରିକା, ଫିନଲ୍ୟାଣ୍ଡ, କାନାଡା, ଅଷ୍ଟ୍ରେଲିଆ, ଜର୍ମାନୀ, ଇଟାଲୀ, ସ୍ୱିଜରଲ୍ୟାଣ୍ଡ, ନେଦରଲ୍ୟାଣ୍ଡ ଓ ବ୍ରିଟେନ ଏଜେନ୍ସିକୁ ଫଣ୍ଡିଂ କରୁଥିଲେ। ଇସ୍ରାଏଲର ଅଭିଯୋଗ ପରେ ଏବେ ଏଜେନ୍ସିକୁ ପାଣ୍ଠିଯୋଗାଣ ବନ୍ଦ ହୋଇଯାଇଛି। ଅନ୍ୟପଟେ ଇସ୍ରାଏଲ ସେନା ମୁଖପାତ୍ର ଏଭିଚେ ଅଦ୍ରାଇ କହିଛନ୍ତି ଯେ ଗାଜାର ଲୋକେ ଏବେ ହମାସ ଉପରେ କ୍ଷୁବ୍ଧ। ସେମାନେ ଏବେ ଗାଜାଷ୍ଟ୍ରିପରୁ ହମାସର ଶାସନ ସମାପ୍ତ କରିବାକୁ ଚାହୁଁଛନ୍ତି। ଏଥିରେ ଇସ୍ରାଏଲ କହିଛି ଯେ ଖାନ ୟୁନିସରୁ ଲୋକଙ୍କୁ ବାହରକୁ ଆଣିବା ପାଇଁ ଏକ କରିଡର ତିଆରି କରାଯାଇଛି ତେବେ ହମାସ ସେଠାରୁ ଲୋକଙ୍କୁ ବାହାରକୁ ଯିବାକୁ ଦେଉନି ବୋଲି ଗାଜାର ଲୋକେ ଅଭିଯୋଗ କରୁଛନ୍ତି। ଏଥିରେ ଗାଜାରେ ୟୁଏନଆରଡବ୍ଲୁଏ କୁ ପାଣ୍ଠି ଯୋଗାଣ ବ୍ୟାହତ ହୋଇଥିବାରୁ ଗାଜାରେ ଲୋକଙ୍କୁ ଆହୁରି ଅଧିକ ପୀଡ଼ା ହୋଇପାରେ ବୋଲି ସଂଗଠନର ପୂର୍ବତନ ମୁଖପାତ୍ର କ୍ରିଷ୍ଟୋଫର ଗୁନେସ ଆଶଙ୍କା ପ୍ରକାଶ କରିଛନ୍ତି।

### ଅଯୋଧ୍ୟା ପରେ...

ଏହି ମନ୍ଦିର ଦୁନିଆର ପ୍ରଥମ ଶିବମନ୍ଦିର ହେବ। ଏହି ମନ୍ଦିରର ଉଦଘାଟନ ସହିତ ଭଗବାନ ଶିବଙ୍କ ପ୍ରାଣପ୍ରତିଷ୍ଠା ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଶିବଙ୍କ ପ୍ରାଣପ୍ରତିଷ୍ଠା ପାଇଁ ଫେବୃୟାରୀ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ। ଫେବୃୟାରୀ ୧୯ରେ ଭବ୍ୟ ମନ୍ଦିରରେ ଶିବଙ୍କ ପ୍ରାଣପ୍ରତିଷ୍ଠା କରାଯିବ। ଜାଡନ ଆଶ୍ରମରେ ଓଁ ଆକୃତିର ମନ୍ଦିରକୁ ନେଇ ସ୍ୱାମୀ ମହେଶ୍ୱରାନନ୍ଦ ମହାରାଜ ଦାବି କରିଛନ୍ତି ଯେ, ଏହା ଭୂମଣ୍ଡଳରେ ପ୍ରଥମ ଓଁ ଆକୃତିର ମନ୍ଦିର ହେବ। ଏହି ମନ୍ଦିରରେ ପ୍ରଭୁ ଭଗବାନଙ୍କ ପ୍ରାଣପ୍ରତିଷ୍ଠା ପାଇଁ ସାଧୁସନ୍ଥଙ୍କ ସମେତ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଦେଶର ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବି ଉପସ୍ଥିତ ରହିବେ। ମନ୍ଦିର ନିର୍ମାଣ ପାଇଁ ୧୯୯୫ରେ ଶିଳାନ୍ୟାସ ହୋଇଥିଲା। ଏହାର ନିର୍ମାଣ କାର୍ଯ୍ୟ ଇତିମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି। ମନ୍ଦିର ନିର୍ମାଣ କାମରେ ପ୍ରାୟ ୪୦୦ଲୋକ ସାମିଲ ହୋଇଥିଲେ। ଓଁ ଆକୃତିର ଏହି ମନ୍ଦିରରେ ପ୍ରଭୁ ଶିବଙ୍କ ୧୦୦୮ ପ୍ରତିମା ସ୍ଥାପନ କରାଯିବା ସହିତ ୧୨ଟି ଜ୍ୟୋର୍ତିଲିଙ୍ଗ ବି ରଖାଯିବ। ଏହି ମନ୍ଦିରର ଶିଖର ୧୩୫ଫୁଟ ଉଚ୍ଚର ରହିଛି। ସମ୍ପୂର୍ଣ୍ଣ ମନ୍ଦିର ପରିସରକୁ ୨୦୦୦ସ୍ତମ୍ଭରେ ନିର୍ମାଣ କରାଯାଇଛି।

### ୩୧ ତାରିଖରୁ ...

ଦୁଇଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ହାଲୁକା ଶୀତ ହେବ। ଏହାପରେ ସ୍ୱାଭାବିକ ଠାରୁ ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢିବ। ବାୟୁମଣ୍ଡଳରେ ଜଳୀୟବାଷ୍ପ ପରିମାଣ ଅଧିକ ରହୁଥିବାରୁ ରାଜ୍ୟର କିଛି ଜିଲ୍ଲାରେ ଘନ କୁହୁଡି ଦୃଶ୍ୟମାନ ହେବ। ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଘନ କୁହୁଡ଼ି ନେଇ କଳାହାଣ୍ଡି, କନ୍ଧମାଳ, ରାୟଗଡା, ନବରଙ୍ଗପୁର ଏବଂ କୋରାପୁଟ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲାରେ ୫୦ ରୁ ୨୦୦ ମିଟର ଭିଜିବିଲିଟି ରହିବ। ବାକି ଆଭ୍ୟନ୍ତରୀଣ ଓଡିଶାରେ ହାଲୁକାରୁ ମଧ୍ୟମଧରଣର କୁହୁଡି ଅନୁଭୂତ ହେବ। ଘନ କୁହୁଡ଼ି ସମୟରେ ସାବଧାନତାର ସହ ଗାଡି ଚାଳନା ନେଇ ପରାମର୍ଶ ଦେଇଛି ପାଣିପାଗ କେନ୍ଦ୍ର।

### ଏଣିକି ଖରାପ...

ବିରୋଧରେ ଅଭିଯୋଗ ଆସେ ତେବେ କେବଳ ନିଲମ୍ବନ କରିବା ଯଥେଷ୍ଟ ହେବ ନାହିଁ। ନିଲମ୍ବନ ସହ ସେମାନଙ୍କ ସମ୍ପତ୍ତି ଉପରେ ବୁଲଡୋଜର ଚଲାଇବା ନିହାତି ଆବଶ୍ୟକ ବୋଲି ସେ ଚେତାବନୀ ଦେଇଛନ୍ତି।

# ପୁଣି ପ୍ରତିଶ୍ରୁତି ରକ୍ଷା କଲେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

**ଝାରସୁଗୁଡ଼ା ଡାକ କାର୍ଯ୍ୟାଳୟର ଐତିହ୍ୟ ଭବନର ନବୀକରଣ : ୧୮୮୨ ମସିହାରେ ବ୍ରିଟିଶ ଶାସନ ସମୟରେ ନିର୍ମିତ ହୋଇଥିଲା**

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ଇଣ୍ଡିଆ ପୋଷ୍ଟ ସହଯୋଗରେ ଭାରତୀୟ ରେଳବାଇ ଝାରସୁଗୁଡ଼ା ଡାକ କାର୍ଯ୍ୟାଳୟର ଐତିହ୍ୟ ଭବନକୁ ନବୀକରଣ କରିଛ। ନଭେମ୍ବର ୨୦୨୧ରେ ଝାରସୁଗୁଡ଼ା ଗସ୍ତ ସମୟରେ ଏହି ଐତିହ୍ୟ ଡାକ ଘର ଭବନ (ପୋଷ୍ଟ ଅଫିସ୍ ବିଲ୍ଡିଂ)କୁ ନବୀକରଣ କରିବାକୁ ଶ୍ରୀ ବୈଷ୍ଣବ ପ୍ରତିଶ୍ରୁତି ଦେଇଥିଲାବେଳେ ନିକଟରେ ଝାରସୁଗୁଡ଼ା ଗସ୍ତ ସମୟରେ ଏହାର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଐତିହ୍ୟ ଭବନର ନବୀକରଣ ପାଇଁ ସ୍ଥାନୀୟ ଲୋକମାନେ ଶ୍ରୀ ବୈଷ୍ଣବଙ୍କୁ ଦାବି କରିଥିଲା ବେଳେ ଏହି ଐତିହ୍ୟ ଭବନର



ପୁନରୁଦ୍ଧାର, ରକ୍ଷଣାବେକ୍ଷଣ ଏବଂ ପୁନର୍ନିର୍ମାଣ କାର୍ଯ୍ୟ ପାଇଁ ଗୁରୁତ୍ୱାରୋପ କରିଥିଲେ। ଏଠାରେ ଦର୍ଶାଇ ଦିଆଯାଉଅଛି ଯେ, ଏହି ଐତିହ୍ୟ ଡାକଘର ଭବନ ବ୍ରିଟିଶ୍ ଶାସନ ସମୟରେ ୧୮୮୨ ମସିହାରେ ନିର୍ମାଣ କରାଯାଇଥିଲା।

ଏହା ଶୁଣିବାକୁ ବହୁତ ଭଲ ଲାଗୁଛି ଯେ ରେଳ ମନ୍ତ୍ରୀ ତାଙ୍କ ପ୍ରତିଶ୍ରୁତି ପାଳନ କରିଛନ୍ତି ଏବଂ ଏହି ଧାରାକୁ ବଜାୟ ରଖିଛନ୍ତି। ସୁବିଧା ଯୋଗାଇବା ସହିତ ବିଭିନ୍ନ ପଦକ୍ଷେପ ଗ୍ରହଣ କରି ସ୍ଥାନୀୟ ବାସିନ୍ଦାଙ୍କ ସୁବିଧା ତଥା ଯାତ୍ରୀ ପରିସେବାରେ ଉନ୍ନତି ଆଣିବା ପାଇଁ ରେଳ ପ୍ରଶାସନର ଆନ୍ତରିକତା ଏକ ପ୍ରତିବଦ୍ଧତା ଦର୍ଶାଇ ଥାଏ।

# ଲୋକକଳାର ପ୍ରଚାରକ ରଘୁ ମାଷ୍ଟ୍ରେଙ୍କ ପରଲୋକ

**ବ୍ରହ୍ମପୁର,ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମର ଲୋକନୃତ୍ୟ ପ୍ରହ୍ଲାଦ ନାଟକ ଘରେ ଘରେ ପରିଚିତ ଥିବା ବେଳେ ଏହାର ମୁଖ୍ୟ କର୍ଣ୍ଣଧାର ରଘୁ ମାଷ୍ଟ୍ରେ ଓରଫ୍ ରଘୁନାଥ ଶତପଥୀ ବେଶ୍ ପରିଚିତ। ଏହି ଲୋକକଳାର ପ୍ରଚାର ପ୍ରସାର ପାଇଁ ଦିନ ରାତି ଏକ କରିଦେଇଥିଲେ ସ୍ୱର୍ଗତ ରଘୁମାଷ୍ଟ୍ରେ। ୧୪.୦୭.୧୯୪୨ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍ ଅନ୍ତର୍ଗତ ଗଉଞ୍ଜୁ ଗ୍ରାମର ଜନ୍ମିତ ସ୍ୱର୍ଗତ ଶତପଥୀ ଲୋକକଳା ପ୍ରତି ନିଜର ନିଷ୍ଠା ପାଇଁ ଘରେ ଘରେ ପରିଚିତ ଥିଲେ। ତାଙ୍କରି କଳାପ୍ରତି ଉତ୍ସୁକତା ପାଇଁ ତତ୍କାଳୀନ ରାଷ୍ଟ୍ରପତିଙ୍କ ଠାରୁ ରାଷ୍ଟ୍ରୀୟ ସଙ୍ଗୀତ ନାଟକ ପୁରସ୍କାର ପାଇଥିଲେ। ତେବେ ଗତ ୨୪ ତାରିଖରେ ତାଙ୍କର ବିୟୋଗ ହେବା ପରେ ଗଞ୍ଜାମ ଜିଲ୍ଲା ବିଭିନ୍ନ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରଥମେ ସେ ଖଜୁରିଆ ଗ୍ରାମରେ ପ୍ରହ୍ଲାଦ ଭାବେ ଅଭିନୟ କରି ସୁନାମ ଅର୍ଜନ କରିବା ପରେ ପରବର୍ତ୍ତୀ ସମୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରହ୍ଲାଦ ଭାବେ ଅଭିନୟ କରି ପ୍ରଶଂସାର ପାତ୍ର ହୋଇଥିଲେ। ନିଜର ପରିବାର ପ୍ରତିପୋଷଣ କରିବାପାଇଁ ବ୍ରହ୍ମପୁର ମେଡ଼ିକାଲ୍ କଲେଜରେ ଚାକିରି କରିଥିଲେ। ତେବେ ଉକ୍ତ ଚାକିରି ତାଙ୍କ ମଧ୍ୟରେ ଥିବା କଳାକାରକୁ ଅଟକାଇ ପାରିନଥିଲା। ଚାକିରିରେ ଥାଇ ମଧ୍ୟ ସେ ବଉଳଝୋଳି, ଗଉଞ୍ଜୁ, ଖଜୁରିଆ ଆଦି ଗ୍ରାମରେ ଆଖଡ଼ା ତିଆରି କରି ପ୍ରହ୍ଲାଦ ନାଟକର ଶିକ୍ଷା ଦେଉଥିଲେ। ଅତି କମ୍ ବୟସରେ ସେ ନୂଆଦିଲ୍ଲୀ, ମାଡ୍ରାସ୍‌ରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରହ୍ଲାଦ ନାଟକ ଭଳି ଲୋକନୃତ୍ୟର କିପରି ପ୍ରଚାର ପ୍ରସାର ହେବ ସେ ନେଇ ଚେଷ୍ଟା କରିଥିଲେ। ତାଙ୍କରି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇଂଲଣ୍ଡ, ଜାପାନ୍, କାନାଡ଼ା, ଋଷିଆ, ଥାଇଲାଣ୍ଡ, ଜର୍ମାନୀ ଆଦି ଦେଶରେ କଳାକାରମାନେ ଯୋଗଦେଇ ପ୍ରହ୍ଲାଦ ନାଟକ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ତେବେ ଗତ ୧୨ ତାରିଖରେ ତାଙ୍କରି ବିୟୋଗ ହୋଇଥିବା ବେଳେ ଗଞ୍ଜାମ ଲୋକକଳାର ଏକ ଯୁଗ ଅବସାନ ହୋଇଛି ବୋଲି କଳାକାରମାନେ କହିଛନ୍ତି।

# ଆଦିତ୍ୟ ଆଲୁମିନିୟମ୍ ପକ୍ଷରୁ ପୁସ୍ତକାଳୟ ଉଦ୍‌ଘାଟିତ



**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ବୋମାଲୋଇ ସେବାଶ୍ରମ ବିଦ୍ୟାଳୟ ଠାରେ, ପ୍ରକଳ୍ପ ସାଧନା ଅନ୍ତର୍ଗତ ବହୁ ପ୍ରତିକ୍ଷୀତ ପ୍ରକଳ୍ପ ପୁସ୍ତକଳୟ, ଡଃ ବିବେକାନନ୍ଦ ମିଶ୍ର, ମାନବ ସମ୍ବଳମୁଖ୍ୟ ଓ ଉପସଭାପତି, ପଙ୍କଜ ଯୋଶୀ, ଡବ୍ଲୁ.ପି.ଏମ୍‌ଙ୍କ କରକମଳରେ ଶୁଭ ଉଦ୍‌ଘାଟିତ ହୋଇଅଛି ଓ ବହୁପୁରାତନ ତଥାକଥିତ ବିଦ୍ୟାଳୟ ଲାଇବ୍ରେରୀକୁ ନୂଆ ରୂପରେଖ ସହ ଆନନ୍ଦଦାୟକ ଓ ଶିଶୁ ମନସ୍ତତ୍ତ୍ୱକୁ ଗବେଷଣାକରି, ଅନନ୍ୟା ଫାଉଣ୍ଡେସନ ସହାଭାଗିତାରେ, ଏହି ପ୍ରକଳ୍ପକୁ ପରୀକ୍ଷାମୂଳକ ଭାବେ, ତିଳେଇମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଢୋର୍ରପାଣି ପ୍ରାଥମିକ ବିଦ୍ୟାଳୟ, ଲପଙ୍ଗା ପ୍ରାଥମିକ ବିଦ୍ୟାଳୟ, ଗୁମକର୍ମା ସେବାଶ୍ରମ ବିଦ୍ୟାଳୟ ଠାରେ ସ୍ଥାପନ କରାଯାଇ ଏହାଦ୍ୱାରା ୫୦୦ରୁ ଊର୍ଦ୍ଧ୍ୱ ଶିଶୁ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀବୃନ୍ଦ ଉପକୃତ ହୋଇ ସୃଜନଶୀଳ ଭାଷା ସାହିତ୍ୟ ଶିକ୍ଷା ଦିଗରେ ଉପକୃତ ହୋଇ ପାରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ଓ ପ୍ରକଳ୍ପର ସଫଳ ମୂଲ୍ୟାଙ୍କନ ପରେ, ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ବ୍ଲକ୍‌ର ଅନ୍ୟ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟକାରୀ କରାଯିବ ବୋଲି, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗୀୟ ମୁଖ୍ୟ ଶ୍ୱେତା ଉପାଧ୍ୟାୟ ମତବ୍ୟକ୍ତ କରିଥିଲେ। ମନୋରଞ୍ଜନ ବେହେରା, ଡେପୁଟି ମ୍ୟାନେଜର, କ୍ଷୁଦ୍ର ଗଳ୍ପ ମାଧ୍ୟମରେ, ଶିଶୁମାନଙ୍କୁ ପୁସ୍ତକାଳର ଉପଯୋଗିତା ଓ ସଠିକ ବ୍ୟବହାର ନିମନ୍ତେ ପ୍ରେରଣାର ବାର୍ତ୍ତା ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ, ବିଦ୍ୟାଳୟ ତରଫରୁ ଅଞ୍ଜଳି ନାଏକ, ସରିତା ସାହୁ, ସ୍ୱର୍ଣ୍ଣପ୍ରଭା ପଲ୍ଲାଇ, ରତ୍ନମଞ୍ଜରୀ ଝାଙ୍କର, ମାନସୀ ବାଗ, ଗଙ୍ଗାଦେଇ କିଷାନ, କାଞ୍ଚନ ରଣା ପୂର୍ଣ୍ଣ ସହାୟତା ପ୍ରଦାନ କରିଥିଲେ ଓ ବିଦ୍ୟାଳୟର ଛାତ୍ରୀମାନେ ଏହି ଅବସରରେ, ନୃତ୍ୟ ଗୀତ ସହ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ନାଲ୍‌କୋରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନାଲ୍‌କୋର କର୍ପୋରେଟ୍ କାର୍ଯ୍ୟାଳୟ, ସମସ୍ତ ଉତ୍ପାଦନ ୟୁନିଟ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡ଼ିକରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଓଡ଼ିଶାର କୋରାପୁଟ ଜିଲ୍ଲାର ଦାମନଯୋଡ଼ି ଠାରେ ଥିବା ନାଲ୍‌କୋର ମାଇନ୍ସ ଏବଂ ରିଫାଇନାରୀ କମ୍ପ୍ଲେକ୍ସରେ ସିଏମ୍‌ଡି ଶ୍ରୀଧର ପାତ୍ର



ପତାକା ଉତ୍ତୋଳନ କରିଛନ୍ତି। କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ, ସ୍କୁଲର ଛାତ୍ରୀ ଛାତ୍ର, ସୁରକ୍ଷାକର୍ମୀ ଏବଂ ପାରିପାର୍ଶ୍ୱିକ ଅଞ୍ଚଳରୁ ଆସିଥିବା ଲୋକମାନଙ୍କର ଏକ ବିଶାଳ ସମାବେଶକୁ ସମ୍ବୋଧିତ କରି ଶ୍ରୀ ପାତ୍ର, ପ୍ରତ୍ୟେକ ଭାରତୀୟଙ୍କୁ ଆମ ସମ୍ବିଧାନର ମୂଳ ମୂଲ୍ୟବୋଧକୁ ବଜାୟ ରଖିବାକୁ ଏବଂ ଦାୟିତ୍ୱବାନ ନାଗରିକ ଭାବରେ ରାଷ୍ଟ୍ରନିର୍ମାଣରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଭୁବନେଶ୍ୱରସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟରେ ପୂର୍ବତନ ଭାରପ୍ରାପ୍ତ ସିଏମ୍‌ଡି ଶ୍ରୀ ଗଦାଧର ଉପାଧ୍ୟାୟ ଜାତୀୟପତାକା ଉତ୍ତୋଳନ କରିଥିଲେ।

# ରାଇଘର ବ୍ଲକ୍‌ରେ ୧୦,୦୦୦ରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ

**ରାଇଘର,ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ ଅନ୍ତର୍ଗତ କୁନ୍ଦେଇ ଥାନା ଅଧିନରେ ଥିବା କାଉଡୋଳା ପଞ୍ଚାୟତର ଧୁଙ୍ଗିଆଡିହୀ (ଖାଲେପାରା) ଗ୍ରାମ ନିକଟ ଦେଇ ଯାଇ ଥିବା ଭାରତମାଳା ରାସ୍ତା କଡ଼ରେ ପ୍ରାୟ ୭ ଏକର ଜଙ୍ଗଲ ଓ ସରକାରୀ ଜମି ମଧ୍ୟରେ ମକା ଗଛ ଓ ପନି ପରିବା ଚାଷ ଦୀର୍ଘ ଦିନରୁ ହୋଇ ଆସୁଥିବା ଦେଖିବାକୁ ମିଳିଥିଲା। କିନ୍ତୁ କିଛି ବ୍ୟକ୍ତି ତା ମଧ୍ୟରେ ଗଞ୍ଜେଇ ଗଛ ଲଗାଇଥିବା କୌଣସି ସୂତ୍ରରୁ ଖବରପାଇ ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ ଭାବେ ରାଇଘର ତହସିଲଦାର୍ ଜନ୍ମେଜୟ ବେହେରା, ଉମରକୋଟ ଉପଖଣ୍ଡ ପୋଲିସ ଅଧିକାରୀ ମଧୁସିକ୍ତା ମିଶ୍ର, କୁନ୍ଦେଇ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସେଠୀ, ଆଇଆରବିଏନ୍ ଓ ଡିଭିଏଫ ଫୋର୍ସ ମିଳିତ ଭାବେ ଉକ୍ତ ସ୍ଥାନରେ ଚଢ଼ଉ କରି ପ୍ରାୟ ୭ ଏକର ଜମିରେ ଲାଗିଥିବା ୧୦,୦୦୦ରୁ ଊର୍ଦ୍ଧ୍ୱ ନଷ୍ଟ କରିଥିଲେ। ଏଠାରେ କିଏ ଏତେ ପରିମାଣରେ ଗଞ୍ଜେଇ ଗଛ ଲଗାଇଥିଲା ତାହା ଜଣା ପଡ଼ିନଥିବା ବେଳେ କାହାରିକୁ ଗିରଫ କରାଯାଇ ନଥିବା ଜଣାପଡିଛି। ନଷ୍ଟ ହୋଇଥିବା ଗଞ୍ଜେଇର ମୂଲ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ ଅଧିକାରୀ ପ୍ରଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି। ଛତିଶଗଡ଼ ସୀମା ପର୍ଯ୍ୟନ୍ତ ଲାଗିଥିବା ଏହି ଅଞ୍ଚଳରେ ଅନ୍ୟ ସ୍ଥାନରେ ମଧ୍ୟ ଏଭଳି ଗଞ୍ଜେଇ ଚାଷ କରାଯାଇଥିବା ସମ୍ଭାବନାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ ଏହି ମାସରେ ଏହା ଦ୍ୱିତୀୟ ଘଟଣା ହୋଇଛି। କୁନ୍ଦେଇ ଥାନା ପକ୍ଷରୁ କେସ ନଂ ୨୦/୨୪ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛନ୍ତି।

RNI Regd. No. : 52640/94 Postal Regd. No. : BN/60/22-24
ଭୁବନେଶ୍ୱର ୨୯ ଜାନୁଆରୀ ସୋମବାର, ୨୦୨୪





## ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ହୋମଯଜ୍ଞ

ଶନିବାର ସକାଳ ସାଢ଼େ ୧୦ଟା ଠାରୁ ଅପରାହ୍ଣ ୧ଟା ୩୦ ପର୍ଯ୍ୟନ୍ତ ରୀତିନୀତି ଅନୁଯାୟୀ ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଚାଲିଥିଲା। ପୂର୍ବରୁ ଅଙ୍କୁରୋପଣ, ଅଧିବାସ ସଂପନ୍ନ ହୋଇଥିବା ବେଳେ ୨୭ ତାରିଖରୁ ହୋମଯଜ୍ଞ ଆରମ୍ଭ ହୋଇଥିଲା। ପଣ୍ଡିତ ମହେନ୍ଦ୍ର ପୂଜାରୀଙ୍କ ତତ୍ତ୍ୱାବଧାନରେ ମୁଖ୍ୟତଃ ୩୦ ଜଣ ପଣ୍ଡିତ ହୋମଯଜ୍ଞ କାର୍ଯ୍ୟ ସଂପାଦନ କରିଥିଲେ। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡର ସଭାପତି ସଂଜୟ ବାବୁ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଶ୍ଚିମ ଓଡ଼ିଶା ଆଧ୍ୟାତ୍ମିକ ଭାବାବେଗର ପ୍ରାଣକେନ୍ଦ୍ର ହେଉଛନ୍ତି ମା’ ସମଲେଶ୍ୱରୀ। ଯିଏ ଯେଉଁଠି ବସବାସ କରୁଥିଲେ ସୁଦ୍ଧା ପଶ୍ଚିମ ଓଡ଼ିଶାବାସୀ ସଦାସର୍ବଦା ମା’ ସମଲେଶ୍ୱରୀଙ୍କ ପ୍ରତି ନିଜ ଭକ୍ତି ଓ ଶ୍ରଦ୍ଧାଭାବ ଅର୍ପଣ କରିଥାନ୍ତି। ସେହି ଭକ୍ତି ଓ ଶ୍ରଦ୍ଧା ହେଉଛି ଏହି ସମଲେଇ ପ୍ରକଳ୍ପର ମୂଳ ଉପାଦାନ ଓ ଆଧାର। ମୁଖ୍ୟ ମଣ୍ଡପ ଓ ଅନ୍ୟ ୪ଟି ମଣ୍ଡପରେ ହୋମର ଅନୁଷ୍ଠାନ ହୋଇଥିଲା। ମା’ଙ୍କ ଆରାଧନାରେ ସ୍ୱତନ୍ତ୍ର ଭାବେ ଚଣ୍ଡୀପାଠର ମଧ୍ୟ ଅନୁଷ୍ଠାନ କରାଯାଇଥିଲା। ୩୧ ତାରିଖ ଯଜ୍ଞର ପୂର୍ଣ୍ଣାହୂତି ପର୍ଯ୍ୟନ୍ତ ଓଡ଼ିଶାର ଉନ୍ନତି, ବିଶ୍ୱଶାନ୍ତି ଓ ମାନବଜାତିର କଲ୍ୟାଣ ପାଇଁ ମା’ ସମଲେଶ୍ୱରୀଙ୍କ ବିଶେଷ ଆରାଧନା କରାଯାଉଛି।



# ସମଲେଶ୍ୱରୀଙ୍କ ମନ୍ଦିରଠୁ ମହାନଦୀ ଘାଟ ଯାଏ ଦିବ୍ୟତା ଓ ଭବ୍ୟତାର ଅନୁଭବ



ମା’ ସମଲେଶ୍ୱରୀଙ୍କ ମନ୍ଦିରର ଶୁଭ୍ର ଜ୍ୟୋତ୍ସ୍ନାରେ ଭକ୍ତ ବିମୁଗ୍ଧ ହେଉଛନ୍ତି। ପୀଠରେ ସ୍ୱର୍ଗୀୟ, ଦିବ୍ୟ ପରିବେଶ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଲିଂଗରାଜ ମନ୍ଦିରର ପ୍ରକଳ୍ପ ପରେ ରାଜ୍ୟ ସରକାର ସମଲେଇ ପ୍ରକଳ୍ପକୁ ସରକାର ହାତକୁ ନେଇଥିଲେ। ସମଲେଇ ପ୍ରକଳ୍ପ (ସମଲେଶ୍ୱରୀ ଟେମ୍ପଲ ଏରିଆ ମ୍ୟାନେଜମେଣ୍ଟ ଆଣ୍ଡ ଲୋକାଲ୍ ଇକୋନମିକ୍ ଇନିସିଏଟିଭ୍)ର ରୂପରେଖ ପ୍ରସ୍ତୁତ ପାଇଁ ୨୦୨୧ ଫେବ୍ରୁଆରୀ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ୨୦୨୨ ମେ’ ୪ ତାରିଖ କାମ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ କାମ ୫-ଟି’ ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରେକର୍ଡ ସମୟ ମଧ୍ୟରେ ସଂପୂର୍ଣ୍ଣ ହୋଇଛି। ଶ୍ରୀ ପାଣ୍ଡିଆନ ନିୟମିତ ବ୍ୟବଧାନରେ ସମ୍ବଲପୁର ଆସି ପ୍ରକଳ୍ପର ସମୀକ୍ଷା କରିଥିଲେ। ମନ୍ଦିର ଭିତରେ ପ୍ରାୟ ୬ ଏକର ପରିମିତ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ କରାଯାଇଛି। ମନ୍ଦିର ବାହାରେ ଏକ କିଲୋମିଟର ଅଞ୍ଚଳରେ ପରିକ୍ରମାର କରିଡର ନିର୍ମାଣ କରାଯାଇଛି। ଏସବୁ କାର୍ଯ୍ୟ ଖଣ୍ଡଲାଇଟ୍ ପଥରରେ ନିର୍ମିତ ହୋଇଛି। ପାର୍କିଂସ୍ଥଳରେ ୨୦୦ଟି ଚାରିଚକିଆ ଗାଡ଼ି ଓ ୨୦ ବସ୍ ରହିବାର ବ୍ୟବସ୍ଥା ହୋଇଛି।

ମା’ ସମଲେଶ୍ୱରୀଙ୍କ ପୀଠକୁ ଦୈନିକ ବର୍ତ୍ତମାନ ୫ରୁ ୧୦ ହଜାର ଭକ୍ତ ଆସୁଛନ୍ତି। ଏହା ସହିତ ପୂଜାପାର୍ବଣ ଦିନରେ ୫୦ ହଜାରରୁ ଏକ ଲକ୍ଷ ଭକ୍ତ ଆସିବାର ସମ୍ଭାବନା ରହିଛି। ଏହାଦ୍ୱାରା ସ୍ଥାନୀୟ ଅର୍ଥନୀତିର ଉନ୍ନତି ହେବ। ଏହା ସହିତ ବିଶେଷକରି ପଶ୍ଚିମ ଓଡ଼ିଶାର ଶିଳ୍ପୀ, କାରିଗର ଓ ବୁଣାକାରମାନେ ମଧ୍ୟ ଅଧିକ ରୋଜଗାର ସୁଯୋଗ ବୃଦ୍ଧି ପାଇବ।

ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ରାଜ୍ୟ ତଥା ବାହାରର ପୂଜକ ଓ ପଣ୍ଡିତମାନେ ଯୋଗ ଦେଇଛନ୍ତି। ଓଡ଼ିଶା ବାହାରେ ଥିବା ସମଲେଇ ମନ୍ଦିରରୁ ପୂଜକମାନେ ବି ଏଥିରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ସମେଲଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ଓଡ଼ିଶା ଓ ଓଡ଼ିଶା ବାହାରେ ଥିବା ବିଭିନ୍ନ ମଠ, ମନ୍ଦିରକୁ ଯାଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରାଯାଇଥିଲା।

ଏହାପରେ ସମଲେଶ୍ୱରୀ ମନ୍ଦିରର ଐତିହ୍ୟ ସହ ଜଡ଼ିତ ଶ୍ରୀଗୋପାଳଜୀ ମଠ। ସମଲେଇ ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ଶ୍ରୀଗୋପାଳଜୀ ମଠ ସହିତ ଅନ୍ୟ ସମସ୍ତ ଐତିହାସିକ ସ୍ଥାନକୁ ସଂପୂର୍ଣ୍ଣ ଭାବେ ଗୁରୁତ୍ୱ ଦିଆଯାଇଛି। ମନ୍ଦିରର ସୁରକ୍ଷା ଓ ଭକ୍ତମାନଙ୍କ ଆଧ୍ୟାତ୍ମିକ ଭାବାବେଗକୁ କେନ୍ଦ୍ରରେ ରଖି ପ୍ରକଳ୍ପ କାର୍ଯ୍ୟ କରାଯାଇଛି। ପ୍ରତିବଦଳରେ ମଠର ନବୀକରଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ରାଜ୍ୟ ସରକାର ସେହି ଅନୁସାରେ ସୁନ୍ଦର କାମ କରିଛନ୍ତି। ତଳେ ଏକ ଯଜ୍ଞମଣ୍ଡପ ନିର୍ମାଣ କରାଯାଇଥିବା ବେଳେ ଉପର ମହଲାରେ ସନ୍ଥନିବାସ କରାଯାଇଛି। ଏକ ଗୋଶାଳା ବି ନିର୍ମାଣ କରାଯାଇଛି। ସମଲେଇ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ଏକ ସୁନ୍ଦର ପରିବେଶ ସୃଷ୍ଟି ହୋଇଛି।







ଲୋକଙ୍କର ସେହି ଭାବ ଓ ଆବେଗକୁ ସମ୍ମାନ ଜଣାଇ ମାଆଙ୍କ ମନ୍ଦିରର ରୂପାନ୍ତରଣ କରାଯାଇଛି। ମାଆଙ୍କର ସବୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କର ସ୍ୱପ୍ନର ପ୍ରକଳ୍ପ ହେଉଛି ସମଲେଇ ପ୍ରକଳ୍ପ। ମାଆଙ୍କର ଆଶୀର୍ବାଦରେ ଏହି ପ୍ରକଳ୍ପ ସାକାର ହୋଇଛି। ନବୀନ କହିଛନ୍ତି, କୋଭିଡ ଯୋଗୁ ବହୁତ ଅସୁବିଧା ସତ୍ତ୍ୱେ ରେକର୍ଡ ସମୟରେ ମାଆଙ୍କ କୃପାରୁ ପ୍ରକଳ୍ପ ରୂପାନ୍ତରିତ ହୋଇଛି।

ସମଲେଇ ପୀଠ ରୂପାନ୍ତରଣ ୪ଟି ଲକ୍ଷ୍ୟ ରହିଛି। ପ୍ରକଳ୍ପରେ ମନ୍ଦିରର ଭବ୍ୟ ରୂପାନ୍ତରଣ କରାଯାଇଛି। ଯେଉଁଠାରେ ଭକ୍ତ ଓ ଶ୍ରଦ୍ଧାଳୁ ଦିବ୍ୟ ଅନୁଭବ ପାଇବେ। ଏହି ପ୍ରକଳ୍ପ ସାରା ଓଡିଶାର ପର୍ଯ୍ୟଟନ ଓ ଅର୍ଥନୀତି ଆଗକୁ ବଢାଇବ। ପ୍ରକଳ୍ପରେ ମହାନଦୀ ଘାଟ ପ୍ରସ୍ତୁତ ହୋଇଛି। ଯେଉଁଠାରେ ହଜାର ହଜାର ଶ୍ରଦ୍ଧାଳୁ ଏକାସଙ୍ଗେ ମହାନଦୀ ଆଳତି ଦେଖିପାରିବେ। ପ୍ରକଳ୍ପର ସଫଳତାର ଆମ ଭାଇଚାରା ଓ ମାଆଙ୍କର ଆମର ପ୍ରତି ଥିବା ବିଶେଷ ଆଶୀର୍ବାଦର ଫଳ।

୫ଞ୍ଚ ରୂପାନ୍ତରଣରେ ୪ ଏକର ଜାଗାରେ ଥିବା ମୂଳ ମନ୍ଦିର ଏବେ ୩୮ ଏକରରେ ଝଟକୁଛି। ଦିନକୁ ଦିନ ମନ୍ଦିରରେ ଭକ୍ତଙ୍କ ସଂଖ୍ୟା ବଢୁଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପ କରାଯାଇଛି। ଯାହାକି ଶହଶହ ବର୍ଷ ପର୍ଯ୍ୟନ୍ତ ଭକ୍ତଙ୍କୁ ଅସୁବିଧା ଭୋଗିବାକୁ ଦେବେନି। ପ୍ରକଳ୍ପରେ କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ଦେଖିବାକୁ ମିଳୁଛି। ମାଆଙ୍କର ପୂଜା ସୁବିଧାରେ କରିପାରେବେ। ସେଥିପାଇଁ ସବୁଠାରୁ ବେଶୀ ଧ୍ୟାନ ଦିଆଯାଇଛି।

ସେ ଆହୁରି କହିଛନ୍ତି, ଏବେ ଶ୍ରଦ୍ଧାଳୁମାନେ ଦିବ୍ୟ ଭାବେ ମାଆଙ୍କର ପୂଜା ସହ ଦର୍ଶନ କରିପାରିବେ। ଚୈତ୍ର ନବରାତ୍ର ହେଉ କି ଦଶହରା ନବରାତ୍ର। ବେଶି ଭିଡ ସମୟରେ ବି ଆଉ ଭକ୍ତଙ୍କର ଅସୁବିଧା ହେବନି। ଏକାକାର ହୋଇ ସମସ୍ତେ ମନ୍ଦିରରେ ପୂଜା କରିବେ। ମନ୍ଦିର ରୂପାନ୍ତରଣ ପାଇଁ ଯେଉଁମାନେ କାରିଗର, ଶିଳ୍ପୀ ସେମାନଙ୍କର ଅବଦାନ ଦେଇଛନ୍ତି



ଓ ଜମି ଦାନ କରିଛନ୍ତି ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ। ସେମାନଙ୍କ ସହଯୋଗ ଓଡିଶା ମନେ ରଖିବ ବୋଲି ନବୀନ କହିଛନ୍ତି। ଶୁଭ ଲୋକାର୍ପଣ ଉତ୍ସବରେ ଆମେ ସବୁ ଏକ ହୋଇ ମାଆ ସମଲେଶ୍ୱରୀଙ୍କର ଆରାଧନା କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରକଳ୍ପରେ ଦୃଢ଼ ଅବଦାନ ରଖିଥିବା ଶିଳ୍ପୀ, କାରିଗର ଓ ଶ୍ରମିକ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେମାନେ ହେଲେ ଲିଙ୍ଗରାଜ ମହାରଣା, ଶିଶିର ସାହୁ, ସାରଙ୍ଗ ମେହେର, ସୋମନାଥ ସାହୁ, ନିର୍ମଳ ମହାରଣା, ହରିହର ପ୍ରଧାନ, ଶୁଭ ଚାରଣ ବେହେରା, ଓ ସନ୍ତୋଷ।ଅନ୍ୟପଟେ ପଶ୍ଚିମ ଓଡ଼ିଶାର ପଦ୍ମ ପୁରସ୍କାର ପ୍ରାପ୍ତ ସାତ ଜଣ ମହାନ୍ ବିଭୂତିଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଭେଟି ଥିଲେ । ସେମାନେ ହେଲେ ହଳଧର ନାଗ, ଚତୁର୍ଭୁଜ ମେହେର, କ୍ରିଷ୍ଣା ପଟେଲ, ଜୀତେନ୍ଦ୍ର ହରିପାଲ, ବିନୋଦ ପଶାୟତ, ମିତ୍ରଭାନୁ ଗୌନ୍ତିଆ ଓ କୈଳାସ ଚନ୍ଦ୍ର ମେହେର।

୨୦୨୧ ଫେବୃଆରୀ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଏହି ପ୍ରକଳ୍ପର ରୂପରେଖ ପ୍ରସ୍ତୁତ କରି ନିର୍ଦ୍ଦେଶ ଦେଇଥିଲେ। ଏହାପରେ ୨୦୨୨ ମେ ୧୪ ତାରିଖ ଠାରୁ କାମ ଆରମ୍ଭ ହୋଇଥିଲା। ୫ଟି ଅଧ୍ୟକ୍ଷ ଭି କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ରେକର୍ଡ ସମୟ ମଧ୍ୟରେ ସଂପୂର୍ଣ୍ଣ ହୋଇଛି। ପ୍ରତି ଏକ ମାସ, ଦୁଇ ମାସ ସମୟ ବ୍ୟବଧାନରେ ଶ୍ରୀ ପାଣ୍ଡିଆନ ସମ୍ବଲପୁର ଯାଇ ପ୍ରକଳ୍ପର ସମୀକ୍ଷା କରିଥିଲେ। ମନ୍ଦିର ଭିତରେ ପ୍ରାୟ ୬ ଏକର ପରିମିତ ଅଂଚଳରେ ଉନ୍ନୟନ କାର୍ଯ୍ୟ କରାଯାଇଛି। ଭୋଗ ମଣ୍ଡପ, ପୂଜକ ମାନଙ୍କ ବିଶ୍ରାମ ଗୃହ, ଭକ୍ତ ମାନଙ୍କ ଜିନିଷ ପତ୍ର ରଖିବା ପାଇଁ କ୍ଲୋକ ରୁମ୍, ପ୍ରସାଦ ସେବନ ଦୃହ, ଭୋଗ ବିକ୍ରୟ ଗୃହ, ପର୍ଯ୍ୟଟକ ସୂଚନା କେନ୍ଦ୍ର, କାଫେଟେରିଆ, ଆଦି ନିର୍ମିତ ହୋଇଛି।